

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୪ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 NOVEMBER 2022
Vol.No. 33 ■ No. 295 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କିଏ ହେବେ ବିଜେଡିର ପଦ୍ମପୁର ଯୋଦ୍ଧା ?

## ବିଜୟ ରଂଜନଙ୍କ ପତ୍ନୀ ନା ଝିଅଙ୍କୁ ମିଳିବ ଟିକେଟ୍ ?




ଭୁବନେଶ୍ୱର, ୧୩/୧୧ : (ନି.ପ୍ର) ବରିହା ପରିବାରକୁ ଟିକଟ ଦାବି କଲା ବିଂଝାଲ ସମାଜ । ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବିରେ ରାଜନୀତି । ବିଜେପିରୁ ପ୍ରଦୀପ ପୁରୋହିତ ଓ କଂଗ୍ରେସ ରୁ ସତ୍ୟଭୂଷଣ ସାହୁ ପ୍ରାର୍ଥୀ ହେବା ପରେ ବିଜେଡିକୁ କିଏ ? ପଦ୍ମପୁର ଉପନିର୍ବାଚନ ପାଇଁ କାହା ଉପରେ ଭରସା କରିବ ଦଳ ? ଚର୍ଚ୍ଚାରେ ଏବେ ଅନେକ ନାଁ । ଦିବଂଗତ ବିଧାୟକ ବିଜୟ ରଂଜନ ସିଂ ବରିହାଙ୍କ ଧର୍ମପତ୍ନୀ ତିଲୋତ୍ତମା ସିଂ ବରିହାଙ୍କ ନାଁକୁ ନେଇ ପ୍ରଥମରୁ ଚର୍ଚ୍ଚା ହେଉଥିବା ବେଳେ ଏବେ ତାଙ୍କ ଦୁଇ ଝିଅଙ୍କ ନାଁ ସାମ୍ନାକୁ ଆସିଛି । ବିଜୟ ରଂଜନଙ୍କ ବଡ଼ଝିଅ ବର୍ଷାରାଣୀ କିମ୍ବା ସାନ ଝିଅ କାଦମ୍ବିନୀଙ୍କୁ ଟିକଟ୍ ମିଳିବା ନେଇ ପ୍ରକାଶ ପାଇଛି କଳ୍ପନା ଜଳ୍ପନା । ତେବେ ରେସ୍ ୨ରେ ଆଗରେ ଅଛନ୍ତି ବଡ଼ ଝିଅ ବର୍ଷା । ଅନ୍ୟପକ୍ଷରେ ନୂଆପଡା ଜିଲ୍ଲା ରେ କାର୍ଯ୍ୟରତ ଥିବା ସହକାରୀ ଜିଲ୍ଲାପାଳ ମହେନ୍ଦ୍ର ବଡେଇ ଇସ୍ତଫା ଦେବା ନେଇ ଚର୍ଚ୍ଚା ହେବା ପରେ ସେ ବି ରେସ୍ ୨ରେ ଥିବା କୁହାଯାଉଛି । ସେପଟେ ପଦ୍ମପୁରର ଭିନ୍ନ ଭିନ୍ନ ବିଂଝାଲ ସମାଜର ପ୍ରତିନିଧି ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ନବୀନ ନିବାସରେ ସାକ୍ଷାତ କରି ଆଲୋଚନା କରିଛନ୍ତି । ଆଉ ବରିହା ପରିବାରରୁ ହିଁ ଜଣକୁ ପ୍ରାର୍ଥୀ କରିବାକୁ ଦାବି କରିଛନ୍ତି । ସେପଟେ ଉପନିର୍ବାଚନ ଯେତିକି ପାଖଉଛି ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପାଇଁ ଆନ୍ଦୋଳନ ସେତିକି ତୀବ୍ର ହେଉଛି । ବାଇ-ଇଲେକ୍ସନରେ ଏହାର ଏକ ବଡ଼ ପ୍ରଭାବ ପଡ଼ିବାର ଆଶଙ୍କା ଥିବା ଠଉରାଇ ଆଜି ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ, ବିଧାୟକ ସୁଶାନ୍ତ ସିଂ ପ୍ରମୁଖ ଆନ୍ଦୋଳନ ସ୍ଥଳକୁ ଯାଇ ଆଲୋଚନା କରିଛନ୍ତି । ବିଜେଡି ଟିମ୍ ପୃଥକ ପୃଥକ ଭାବେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଓ ରାଜବୋଡାସମ୍ବର କୃଷକ ସଙ୍ଗଠନ ସହିତ ଆଲୋଚନା କରିଥିଲା ।

▶▶ପୃଷ୍ଠା ୭

## ପଦ୍ମପୁରରେ କଂଗ୍ରେସ ବିଜୟୀ ହେବ : ତାରା

ଭୁବନେଶ୍ୱର, ୧୩ /୧୧ : ଆଗାମୀ ଡିସେମ୍ବର ମାସ ୫ ତାରିଖ ଦିନ ହେବାକୁ ଥିବା ପଦ୍ମପୁର ବିଧାନସଭା ଉପ ନିର୍ବାଚନରେ କଂଗ୍ରେସ ବିଜୟୀ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି । ସେ କହିଛନ୍ତି ଯେ ପଦ୍ମପୁରରୁ ତିନି ତିନି ଥର ବିଧାୟକ ରହିଥିବା ସତ୍ୟଭୂଷଣ ସାହୁଙ୍କୁ ଦଳ ପ୍ରାର୍ଥୀ କରିଛି । ତାଙ୍କ ଭଳି ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଥିବାରୁ ସେ କଂଗ୍ରେସ ହାଇକମାଣ୍ଡଙ୍କୁ ଧନ୍ୟବାଦ ଦେଉଛନ୍ତି । ସେ କହିଛନ୍ତି ଯେ କଂଗ୍ରେସର ବିଧାୟକ ମାନେ ଏହି ଉପ ନିର୍ବାଚନରେ ସେଠାରେ ରହି ଦଳ ପାଇଁ କାମ କରିବେ ଓ ଦଳକୁ ବିଜୟୀ କରାଇବେ । ସେ କହିଛନ୍ତି ଯେ ପଦ୍ମପୁର ସବଡିଭିଜନକୁ ଜିଲ୍ଲା ମାନ୍ୟତା ପ୍ରଦାନ କରିବା ଦାବି ସହିତ କଂଗ୍ରେସ ରହିଛି ।

# ଇଣ୍ଡୋନେସିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ମୋଦୀ

## ଜି-୨୦ ସମ୍ମିଳନୀରେ ନେବେ ଭାଗ



ନୂଆଦିଲ୍ଲୀ, ୧୩/୧୧ : ନଭେମ୍ବର ୧୪ ତାରିଖରୁ ଇଣ୍ଡୋନେସିଆରେ ଆରମ୍ଭ ହେବାକୁ ଯାଉଛି ଜି-୨୦ ସମ୍ମିଳନୀ । ଏହି ସମ୍ମିଳନୀରେ ଭାଗନେବାକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଇଣ୍ଡୋନେସିଆ ଗସ୍ତରେ ଯାଉଛନ୍ତି । ସେ ବାଲିରେ ଅନୁଷ୍ଠିତ ୧୭ ତମ ଜି-୨୦ ସମ୍ମିଳନୀରେ ଭାଗ ନେବେ । ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଜି-୨୦ ନେତାମାନଙ୍କ ମଧ୍ୟରେ ବାଣିଜ୍ୟ, ଅର୍ଥ ବ୍ୟବସ୍ଥା, ଶକ୍ତି, ପରିବେଶ, କୃଷି, ସ୍ୱାସ୍ଥ୍ୟ ଓ ଡିଜିଟାଲ ପରିବର୍ତ୍ତନ ସମେତ ଅନେକ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଜଣାପଡିଛି । ମିଳିଥିବା ସୂଚନା ମୁତାବକ ଏହି ଶିଖର ସମ୍ମିଳନୀରେ ୩ ଟି ସେଶନ ହେବ । ଏହି ୩ ଟି ଯାକ ସେଶନରେ ପ୍ରଧାନମନ୍ତ୍ରୀ ଭାଗନେବେ । ଏଥିରେ ଖାଦ୍ୟ, ଶକ୍ତି ସୁରକ୍ଷା ଓ ଡିଜିଟାଲ ପରିବର୍ତ୍ତନ ଉପରେ ଆଲୋଚନା ହେବ । ସେପଟେ ଇଣ୍ଡୋନେସିଆରେ ଥିବା ଭାରତୀୟ ରାଜଦୂତ ମନୋଜ କୁମାର ଭାରତୀ କହିଛନ୍ତି କି, ପ୍ରଧାନମନ୍ତ୍ରୀଙ୍କ ଏହି ଇଣ୍ଡୋନେସିଆ ଗସ୍ତ ସ୍ୱଳ୍ପ ସମୟ ପାଇଁ ହୋଇପାରେ ହେଲେ ରଣନୈତିକ ଦୃଷ୍ଟିକୋଣରୁ ଦେଖିଲେ ଏହି ଗସ୍ତ ବେଶ୍ ମହତ୍ୱପୂର୍ଣ୍ଣ ।

## ମୁମ୍ବାଇ ଏୟାରପୋର୍ଟରେ ଗୋଟିଏ ଦିନରେ ୩୨ କୋଟି ଟଙ୍କାର ୬୧ କେ.ଜି. ସୁନା ଜବତ

ମୁମ୍ବାଇ, ୧୩ /୧୧ : ସୀମା ଶୁଳ୍କ ବିଭାଗ(କଷ୍ଟମ)ର ଟିମ୍ ମୁମ୍ବାଇ ଏୟାରପୋର୍ଟରେ ଗୋଟିଏ ଦିନରେ ଦୁଇ ଅଲଗା ଅଲଗା ମାମଲାରେ ୩୨ କୋଟି ଟଙ୍କା ମୂଲ୍ୟର ୬୧ କେ.ଜି. ସୁନା ଜବତ କରିଛି। କଷ୍ଟମର ଟିମ୍ ଏହି ଦୁଇ ମାମଲାରେ ସାତ ଯାତ୍ରୀଙ୍କୁ ଗିରଫ କରିଛନ୍ତି। ଏଥିରେ ପାଂଚ ପୁରୁଷ ଏବଂ ଦୁଇ ମହିଳା ଅଛନ୍ତି। ଏମାନଙ୍କୁ ମାଜିଷ୍ଟ୍ରେଟ କୋର୍ଟ ୧୪ ଦିନ ପର୍ଯ୍ୟନ୍ତ ନ୍ୟାୟିକ କଷ୍ଟଡିରେ ପଠାଇଛି। କଷ୍ଟମ ବିଭାଗର ଏକ ଅଧିକାରୀ ରବିବାର ଦିନ କହିଛନ୍ତି ଯେ ପ୍ରଥମ ମାମଲାରେ ଶୁକ୍ରବାର ଦିନ ତାଞ୍ଜାନିୟାରୁ ଆସିଥିବା ୪ ଭାରତୀୟ ଯାତ୍ରୀଙ୍କ ଯାଂଚ କରାଯାଇଛି। ସେମାନେ ତସ୍କରୀର ସୁନାକୁ ଏକ କିଲୋଗ୍ରାମର ସଲାଖ ରୂପରେ ବିଶେଷ ରୂପେ ଡିଜାଇନ୍ କରାଯାଇ ଅଂଟା ବେଲ୍ଟରେ ଲୁଚାଇ ଆଣିଥିଲେ। ଚାରି ଯାତ୍ରୀଙ୍କ ପାଖରୁ ମୋଟ ୨୮.୧୭ କୋଟି ଟଙ୍କା ମୂଲ୍ୟର ୫୩ କେ.ଜି. ସୁନା ଜବତ କରାଯାଇଛି।

# ପାକିସ୍ତାନକୁ ହରାଇ ଦ୍ୱିତୀୟଥର ଚାମ୍ପିୟନ ହେଲା ଇଂଲଣ୍ଡ




ନୂଆଦିଲ୍ଲୀ, ୧୩/୧୧ : ଟି-୨୦ ବିଶ୍ୱକପରେ ପାକିସ୍ତାନକୁ ହରାଇ ଇଂଲଣ୍ଡ ବିଶ୍ୱ ବିଜେତା ବନିଛି । ଦ୍ୱିତୀୟ ଥର ପାଇଁ ପୁଣି ଲଂଲଣ୍ଡ ବିଶ୍ୱକପ ହାତେଇବାରେ ସଫଳ ହୋଇଛି । ଫାଇନାଲ ମ୍ୟାଚରେ ଇଂଲଣ୍ଡ ପାକିସ୍ତାନକୁ ୫ ୱିକେଟରେ ପରାସ୍ତ କରିଛି । ଫଳରେ ୨୦୨୨ ଟି-୨୦ ବିଶ୍ୱକପ ତାର ଚାମ୍ପିୟନ ଦଳକୁ ପାଇ ପାରିଛି । ଆଜିର ମ୍ୟାଚରେ ଇଂଲଣ୍ଡ ପକ୍ଷରୁ ବେନ ଷ୍ଟୋକ୍ସ ଲଢୁଆ ପାଳି ଖେଳିଥିଲେ । ଫଳରେ ପାକିସ୍ତାନ ଟିମର ବିଶ୍ୱକପ ସ୍ୱପ୍ନ ଧୂଳିସାତ ହୋଇଯାଇଛି । ଏହି ମ୍ୟାଚରେ ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ । ଇଂଲଣ୍ଡ ବୋଲରଙ୍କ ଆଗରେ ବେଶୀ ସମୟ ତିଷ୍ଠି ପାରିନଥିଲେ ପାକିସ୍ତାନୀ ବ୍ୟାଟର । ସାମ କୁରାନ, ଆଦିଲ ରସିଦ, କ୍ରିସ ଜୋର୍ଡାନଙ୍କ ବୋଲିଂରେ ମାତ୍ର ୧୩୭ ରନରେ ସୀମିତ ରହିଥିଲେ ପାକିସ୍ତାନ ଦଳ ।

▶▶ପୃଷ୍ଠା ୭

# କବି ସମରେନ୍ଦ୍ରନାଥ ମହାପାତ୍ରଙ୍କ ବଙ୍ଗଳା ପୁସ୍ତକ 'ବିଷଣ୍ଣ ନଦୀର୍ ତୀରେ' ଲୋକାର୍ପିତ




ବାଲେଶ୍ୱର: ୧୩/୧୧: (ନି.ପ୍ର) କବି ମରିଯାଏ, ହେଲେ କବିତା ମରେ ନାହିଁ। ଯେଉଁ କବିତାରେ ଆବେଗ ଥାଏ ତାହା କାଳକାଳକୁ ପାଠକ ହୃଦୟରେ ବଞ୍ଚି ରହିଥାଏ। ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ କବି ସମରେନ୍ଦ୍ରନାଥ ମହାପାତ୍ରଙ୍କ ୩୨ଗୋଟି ନିର୍ବାଚିତ ଓଡ଼ିଆ କବିତା ବଙ୍ଗଳା ଭାଷାରେ ଅନୂଦିତ ଏକ ମନୋରମ କାବ୍ୟଗ୍ରନ୍ଥ 'ବିଷଣ୍ଣ ନଦୀର୍ ତୀରେ' ଲୋକାର୍ପିତ ହେବା ଅବସରରେ ଅତିଥିମାନେ ଏଭଳି ମତ ପ୍ରକାଶ କରିଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଇଂରାଜୀ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ସାନ୍ତ୍ୱନା ହାଲଦାର ପୁସ୍ତକଟିକୁ ଉନ୍ମୋଚନ କରି କବିତାଗୁଡ଼ିକର ସରଳ, ସୁନ୍ଦର ତଥା ଉଚ୍ଚକୋଟୀର ରଚନା ଶୈଳୀକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଡ. ଗୀତାଶ୍ରୀ ରାୟ

▶▶ପୃଷ୍ଠା ୭

## ଚାରିଦିନିଆ ଗସ୍ତରେ ସେନା ମୁଖ୍ୟଙ୍କ ଫ୍ରାନ୍ସ ଅଭିମୁଖେ ଯାତ୍ରା

ନୂଆଦିଲ୍ଲୀ , ୧୩/୧୧ : ସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ରବିବାର ଦିନ ଫ୍ରାନ୍ସ ଗସ୍ତରେ ଯାଇଛନ୍ତି । ଭାରତୀୟ ସେନା କହିଛି ଯେ, ଏହି ଗସ୍ତର ଉଦ୍ଦେଶ୍ୟ ହେଉଛି ଦୁଇ ଦେଶ ମଧ୍ୟରେ ଥିବା ପ୍ରତିରକ୍ଷା ସମ୍ପର୍କକୁ ଆହୁରି ବଢ଼ାଇବା । ଏହି ଗସ୍ତ ସମୟରେ ସେନା ମୁଖ୍ୟ ତାଙ୍କ ପ୍ରତିପକ୍ଷ ତଥା ବରିଷ୍ଠ ଫ୍ରାନ୍ସର ସାମରିକ ନେତୃତ୍ୱଙ୍କୁ ଭେଟି ଦ୍ୱିପାକ୍ଷିକ ପ୍ରତିରକ୍ଷା ସମ୍ପର୍କକୁ ବଢ଼ାଇବେ ।

# ମୋବାଇଲ ଭିତରେ ଅଛି କି କଳାଧନର ଗୁମର ! ଅର୍ଚ୍ଚନା ନାଗ ମାମଲାରେ ଇଡିର ତନାଘନା



ଭୁବନେଶ୍ୱର, ୧୩/୧୧ (ନି.ପ୍ର): ତଦନ୍ତ ଚାଲିଛି, ଗୁମର ଖୋଲୁଛି । ରିମାଣ୍ଡର ତୃତୀୟ ଦିନରେ ଖଗେଶ୍ୱରକୁ ଇଡି ଅଫିସର ମାରାଥନ ଜେରା କରୁଥିବାବେଳେ ମୋବାଇଲର ତଥ୍ୟ ଖୋଳତାଡକୁ ଜୋରଦାର କରାଯାଇଛି । ସାଇବର ଏକ୍ସପର୍ଟଙ୍କ ଏକ ସ୍ୱତନ୍ତ୍ର ଟିମ ଭୁବନେଶ୍ୱର ଇଡି ଅଫିସରେ ଡେରା ପକାଇଛି । ରେଡ ବେଳେ ସିଲ ହୋଇଥିବା ୫ଟି ସନ୍ଦିଗ୍ଧ ମୋବାଇଲର ଏକସଟ୍ରାସନ କରାଯାଉଛି । ବିଶେଷକରି ଏହି ୫ଟି ମୋବାଇଲ ମଧ୍ୟରେ ଅର୍ଚ୍ଚନାଙ୍କ ବାପାଙ୍କ ଗୋଟିଏ ଫୋନ, ଅର୍ଚ୍ଚନାଙ୍କ ମାଆଙ୍କର ଗୋଟିଏ ଫୋନ, ସ୍ୱାମୀ ଜଗବନ୍ଧୁଙ୍କ ଭାଇଙ୍କ ଗୋଟିଏ ଫୋନ, ଏବଂ ଖଗେଶ୍ୱରର ୨ଟି ମୋବାଇଲ ରହିଛି, ତେବେ ଖଗେଶ୍ୱର ରିମାଣ୍ଡରେ ଥିବାରୁ ତାଙ୍କୁ ବାଦଦେଲେ ଅନ୍ୟମାନଙ୍କୁ ନିର୍ଦ୍ଧାରିତ ସମୟ ଓ ତାରିଖ ସୁଦ୍ଧା ଇଡି ଅଫିସରେ ହାଜର ହେବାକୁ ନୋଟିସ କରାଯାଇଛି । ରବିବାର ମୋବାଇଲ ଡାଟା ଏକସଟ୍ରାକସନ ପାଇଁ ଅର୍ଚ୍ଚନାଙ୍କ ବାପା ସୁରେନ୍ଦ୍ର ନାଗଙ୍କଠାରୁ ତଦନ୍ତ ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ।

▶▶ପୃଷ୍ଠା ୭

# ଭୁବନେଶ୍ୱରରୁ ଆଉ ଜଣେ ଲେଡି ବ୍ଲାକମେଲର ଗିରଫ



ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅଂଚଳରୁ ଆଉ ଜଣେ ଲେଡି ବ୍ଲାକମେଲରଙ୍କୁ ଗିରଫ କରାଯାଇଛି । ଚନ୍ଦ୍ରଶେଖରପୁର ଥାନା ପୁଲିସ୍ ସହାୟତାରେ ରାଜସ୍ଥାନ ପୋଲିସ ତାଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ମହିଳାଙ୍କ ନାମ ହେଉଛି ପ୍ରୀତି ଦେସାଇ । ମିଳିଥିବା ସୂଚନା ଅନୁସାରେ ପ୍ରୀତି ଦେସାଇଙ୍କ ନାଁରେ ଭିନ୍ନ ଭିନ୍ନ ରାଜ୍ୟରେ ଏକାଧିକ ମାମଲା ରହିଛି । ଏହି ମାମଲା ଗୁଡ଼ିକ ବ୍ଲାକମେଲିଂକୁ ନେଇ ଅର୍ଥ ଉପାର୍ଜନ କରିବାକୁ ନେଇ ରହିଛି । ତାଙ୍କ ଟାର୍ଗେଟରେ ଥିଲେ ଧନୀ ବ୍ୟବସାୟୀ। ସେ ସୋଶାଲ ମିଡିଆରେ ଧନୀ ବ୍ୟବସାୟୀଙ୍କ ସହିତ ବନ୍ଧୁତା କରୁଥିଲେ। ବେଶ୍ ଘନିଷ୍ଠ ହେବା ପରେ ପ୍ରେମ ନିବେଦନ କରୁଥିଲେ। ତା'ପରେ ବିବାହ କରୁଥିଲେ।

▶▶ପୃଷ୍ଠା ୭

# ମାଓବାଦୀ କହି ଦିନ ମଜୁରିଆକୁ ମାରିଦେଲା କି ପୁଲିସ: ଦ୍ୱିତୀୟ ମୃତଦେହ ଚିହ୍ନଟ କରି ପରିବାର ଲୋକ ଆଣିଲେ ସାଂଘାତିକ ଅଭିଯୋଗ



ଭୁବନେଶ୍ୱର, ୧୩/୧୧ (ନି.ପ୍ର): ପୁଲିସର ମାଓବାଦୀ ଥିଓରୀକୁ ମାନିବାକୁ ରାଜି ନୁହଁନ୍ତି ଗାଁ ଲୋକ । କୋରାପୁଟ ବୈପାରୀଗୁଡ଼ାରେ ପୁଲିସର ଏନକାଉଂଟର ଏବଂ ୨ ଜଣଙ୍କ ମୃତ୍ୟୁକୁ ନେଇ ବିବାଦ ତେଜିବାରେ ଲାଗିଛି । ନିରୀହ ଦିନ ମଜୁରିଆକୁ ମାଓବାଦୀ କହି ପୁଲିସ ମାରି ଦେଇଥିବା ଭଳି ସାଂଘାତିକ ଅଭିଯୋଗ ହେବା ପରେ ଉତେଜନା ପ୍ରକାଶ ପାଇଛି । ଜାତୀୟ ରାଜପଥ ଅବରୋଧ କରି ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଅଡ଼ି ବସିଛନ୍ତି ଗ୍ରାମବାସୀ । ଆଜି ଜୟକୁମାର ନାଗଙ୍କ ମୃତଦେହକୁ ଚିହ୍ନଟ କରିଛନ୍ତି ପରିବାର ଲୋକ । ସେ ମାଓବାଦୀ ନୁହଁନ୍ତି, ଦିନ ମଜୁରିଆ ଭାବେ ଗଂଜେଇ ବୋହିବା କାମ ପାଇଁ ଜଙ୍ଗଲକୁ ଯାଇଥିଲେ ବୋଲି କହିଛନ୍ତି ପରିବାର ଲୋକ । ତେବେ ଏ ନେଇ ପୁଲିସ ପକ୍ଷରୁ କିଛି ପ୍ରତିକ୍ରିୟା ମିଳିନାହିଁ । ଶନିବାର ଦିନ ମାଥିଲି ବ୍ଲକର ସର୍ଗିଗୁଡ଼ା ଗାଁର ଧନ କମାରଙ୍କ ମୃତଦେହ ଚିହ୍ନଟ ହୋଇଥିବା ବେଳେ ରବିବାର ଦିନ ମୃତ ଜୟକୁମାର ନାଗଙ୍କ ପରିଚୟ ମିଳିଛି । ଏହି ଦୁଇ ଜଣଙ୍କ ଜୀବନ ଯାଇଛି ପୁଲିସ ଗୁଳିରେ । ୧୦ ତାରିଖ ରାତିରେ କୋରାପୁଟ ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ମଳିପଦର ଗାଁ ନିକଟ ଜଙ୍ଗଲ ଅଂଚଳରେ ପୁଲିସ ଏନକାଉଂଟରରେ ଟଳି ପଡିଥିଲେ ଜୟକୁମାର ନାଗ ଓ ଧନ କମାର । ପୁଲିସ ଏମାନଙ୍କୁ ମାଓବାଦୀ କହୁଥିବା ବେଳେ ଦିନ ମଜୁରିଆ ଭାବେ ଦୁହେଁ କାମ କରୁଥିଲେ ବୋଲି କହିଛନ୍ତି ଗ୍ରାମବାସୀ । ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲା ଜୟକୁମାର । ମୂଳ ମଜୁରୀ ଲାଗି ବୃଦ୍ଧ ବାପା, ମାଆଙ୍କ ସମେତ ପତ୍ନୀ ଓ ୭ ମାସର ଝିଅ ମୁହଁରେ ସେ ଆହାର ଯୋଗାଉଥିଲେ । ମାଫିଆମାନଙ୍କ ଗଂଜେଇ ଚାଲଣରେ ଶ୍ରମିକ ଭାବେ ସେ କାମ କରୁଥିଲେ । ଗଂଜେଇ ବୋହିବା ପାଇଁ ଘରୁ ବାହାରି ଥିଲେ, ହେଲେ ଜଙ୍ଗଲ ଭିତରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଶବ ହସ୍ତାନ୍ତର ବେଳେ ପରିବାର ଲୋକ ଅଭିଯୋଗ କରିଛନ୍ତି, ଜୟ କୁମାର ମାଓବାଦୀ ନୁହଁନ୍ତି, ତାଙ୍କୁ ମିଛ ଏନକାଉଂଟର କରି ମାରିଛି ପୁଲିସ । ଧନ କମାରଙ୍କ ମୃତ୍ୟୁକୁ ନେଇ ତାତି ଉଠିଛନ୍ତି ଗାଁ ଲୋକ । ପୁଲିସ ମୃତଦେହ ଦେଉନଥିବାରୁ ପ୍ରତିବାଦ ତୀବ୍ର ହୋଇଛି ।

▶▶ପୃଷ୍ଠା ୭

# ନବରଙ୍ଗପୁର ଜିଲ୍ଲାର ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ପୁଣି ବ୍ୟାପିଲା ଝାଡ଼ାବାନ୍ତି : ଦୁଇଦିନରେ ୪ ଗାଁରୁ ୧୧ ଆକ୍ରାନ୍ତ



ତେନ୍ତୁଲିଖୁଣ୍ଟି ,୧୩/୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲାର ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ପୁଣି ଝାଡ଼ାବାନ୍ତି ବ୍ୟାପିଛି । ଗତ ଦୁଇଦିନ ମଧ୍ୟରେ ୪ଟି ଗାଁର ୧୧ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାପରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । କିଛି ଆକ୍ରାନ୍ତ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟମାନେ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ, ଝାଡ଼ାବାନ୍ତି ବ୍ୟାପିବାର କାରଣ ଓ ଆକ୍ରାନ୍ତଙ୍କ ସଂପର୍କରେ ସଠିକ୍ ସୂଚନା ଦିଆଯାଇନି । ସୂଚନା ଅନୁଯାୟୀ, ଗତ ଦୁଇଦିନ ମଧ୍ୟରେ ପରଜା ବାରେଙ୍ଗପଦର ପଞ୍ଚାୟତ ଅନ୍ତର୍ଗତ ଖାତିଗୁଡା ଗ୍ରାମର ବିଜୟ କୁମାର ପୂଜାରୀ(୫୪), ଶାମିଶ୍ରୀ ବେହେରା (୬), ଗୌଡ଼ ଦେୟପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଡାଇକ୍-୧ ଗ୍ରାମର ଧନପତି ଗଉଡ଼(୨୧), ପୂଜାରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କାନ୍ଦରାଗୁଡ଼ାର ସୁନେମିଆ ହରିଜନ(୨୬), ଲମତାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବେଜୁଗୁଡ଼ା ଗ୍ରାମର ନବୀନ ହରିଜନ(୧୫)ଙ୍କ ସମେତ ୧୧ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ପରିବାର ଲୋକ ସମସ୍ତ ଆକ୍ରାନ୍ତଙ୍କୁ ତୁରନ୍ତ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ଚିକିତ୍ସା ପରେ କିଛି ଆକ୍ରାନ୍ତ ସୁସ୍ଥହୋଇ ଘରକୁ ଫେରିଥିବା ବେଳେ ଆଉ କିଛି ଆକ୍ରାନ୍ତ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କିନ୍ତୁ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକ୍ରାନ୍ତ ଏବଂ ଝାଡ଼ାବାନ୍ତି ବ୍ୟାପିବାର କାରଣ ସଂପର୍କରେ ସଠିକ୍ ସୂଚନା ଦିଆଯାଇ ନଥିବାରୁ ଅନ୍ୟ ଆକ୍ରାନ୍ତଙ୍କ ସଂପର୍କରେ ତଥ୍ୟ ହସ୍ତଗତ ହୋଇପାରିନି ।

ଏହି ଖବର ପାଇବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଝାଡ଼ାବାନ୍ତି ଆକ୍ରାନ୍ତ ୪ଟି ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

# ଓଡ଼ିଶା ମେଡିକାଲ୍ କର୍ମଚାରୀ ସଂଘର ନିର୍ବାଚନ ଅନୁଷ୍ଠିତ

ଭୁବନେଶ୍ୱର ,୧୩/୧୧ (ନି.ପ୍ର): ଅଲ୍ ଓଡ଼ିଶା ମେଡିକାଲ୍ କର୍ମଚାରୀ ସଂଘର ସାଧାରଣ ଅଧିବେଶନ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି । ସବୁ ଜିଲ୍ଲାରୁ କର୍ମଚାରୀମାନେ ଏକାଠି ହୋଇ ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଶ୍ରୀ ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ ଆଜିର ଏହି ଅଧିବେଶନ ବସିଥିଲା । ଏହି ଅଧିବେଶନର ମୂଳ ଉଦ୍ଦେଶ୍ୟ ଥିଲା ସଂଘର କିଛି ଦାବି ସରକାରଙ୍କ ପାଖରେ ପହଂଚାଇବା ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ କରିବା । ଯେଉଁମାନେ ବର୍ତ୍ତମାନ ସଂଘର ବିଭିନ୍ନ ପଦପଦବୀରେ ଅଛନ୍ତି ସେମାନଙ୍କର କାର୍ଯ୍ୟକାଳ ସରିଯାଇଥିବା ଯୋଗୁଁ ନୂତନ କର୍ମକର୍ତ୍ତା ବାଛିବା ଜରୁରୀ ହୋଇପଡ଼ିବାରୁ ଆଜିର ଏହି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି ବୋଲି କହିଛନ୍ତି ଉପଦେଷ୍ଟା ଶ୍ରୀ ପ୍ରଭାତ ବିଶ୍ୱାଳ । ଆଜି ସମ୍ପାଦକ, ସଭାପତି ଓ କୋଷାଧ୍ୟକ୍ଷ ପାଇଁ ନିର୍ବାଚନ ହେବ । ଏ ନିର୍ବାଚନ ଗୋଟିଏ ପ୍ରକ୍ରିୟା । କର୍ମଚାରୀମାନେ ଉତ୍ସାହର ସହ ଏଭଳି ପ୍ରକ୍ରିୟାରେ ଅଭ୍ୟସ୍ତ ଅଛନ୍ତି ବୋଲି କହିଛନ୍ତି ଶ୍ରୀ ବିଶ୍ୱାଳ । ସେହିପରି ବହୁମତରେ ମୋର ସବୁ ଭାଇ ଭଉଣୀମାନେ ମୋତେ ସଭାପତି ରୂପେ ବାଛିଲେ ଓ ମୁଁ ୩୦ଟି ଯାକ ଜିଲ୍ଲାର ୨୫ ହଜାରରୁ ଅଧିକ କର୍ମଚାରୀ ଭାଇମାନଙ୍କୁ ନେଇ ଚାଲିବି, ସବୁ କାମରେ ସମସ୍ତଙ୍କର ସହଯୋଗ, ଆଶୀର୍ବାଦ ଓ ପରାମର୍ଶ ନେଇ କାମ କରିବି ବୋଲି କହିଛନ୍ତି ନବନିର୍ବାଚିତ ସଭାପତି ଶ୍ରୀ ପୂର୍ଣ୍ଣଚନ୍ଦ୍ର ରାଉତ । ଆମ କର୍ମଚାରୀ ସଂଖ୍ୟା ଦିନକୁ ଦିନ କମୁଥିବାରୁ ବହୁ କର୍ମଚାରୀ ଅବସର ଗ୍ରହଣ କରିଥିବା ସତ୍ତ୍ୱେ ସରକାର ଖାଲି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ୬ଟି ମେଡିକାଲ୍ କଲେଜ ଏବଂ ସମସ୍ତ ମେଡିକାଲ୍‌ରେ ଆଉଟ୍‌ସୋର୍ସିଂରେ ରହୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାପାଇଁ ଅବସର ବୟସସୀମା ୬୨କୁ ବୃଦ୍ଧି କରିବା ପାଇଁ ମାସିକ ରିସେସ୍ ଭ । ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଁ ସରକାରଙ୍କ ପାଖରେ ଦାବି ରଖିବି ଏବଂ କର୍ମଚାରୀମାନଙ୍କ ସ୍ୱାର୍ଥପାଇଁ ଲଢ଼ିବି ବୋଲି କହିଛନ୍ତି ସଂଘର ନବନିର୍ବାଚିତ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ । ମୁଁ ସମ୍ପାଦକ ଭାବେ ଏହି କାମକୁ ଆଗେଇନେବି ଏବଂ ସରକାର ଯଦି ଆମ ଦାବି ଓ ସମସ୍ୟା ପ୍ରତି ଧ୍ୟାନ ନ ଦିଅନ୍ତି, ତେବେ ଆଗାମୀ ଦିନରେ ସଂଘ ତରଫରୁ ସମସ୍ତ ସଦସ୍ୟମାନେ କଳାବ୍ୟାଚ୍ ପିନ୍ଧିବେ ଓ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ । ସେହିଭଳି ସଂଘର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ରାମଚନ୍ଦ୍ର ପ୍ରଧାନ ।

# କେନ୍ଦ୍ରାପଡାରେ ରାଜସ୍ୱ ଅମଲା ସଂଘର ସାଧାରଣ ପରିଷଦ ବୈଠକ

କେନ୍ଦ୍ରାପଡ଼ା ,୧୩/୧୧ (ନି.ପ୍ର): ଓଡିଶା ରାଜସ୍ୱ ଅମଲା ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଜିଲ୍ଲା ସଭାପତି ଦିନବନ୍ଧୁ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ମୁଖ୍ୟ ଅତିଥି, ସାଧାରଣ ସଂପାଦକ ନରେଶ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି, ଆକସନ କାଉନସିଲ ଚେୟାରମ୍ୟାନ ପ୍ରସନ୍ନ କୁମାର ନାୟକ ଓ ସଂଗଠନ ସଂପାଦକ ରମାକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏଥିରେ ଜିଲ୍ଲାର ସମସ୍ତ ଅମଲା ଯୋଗଦାନ କରି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ସେପାରେଟ୍ କ୍ୟାଡର କନିଷ୍ଠ ରାଜସ୍ୱ ସହାୟକଙ୍କ ମୂଳ ଦରମା ପେ ବ୍ୟାଣ୍ଡ-୨, ଗ୍ରେଡ ପେ-୪୨୦୦, ବର୍ତ୍ତମାନର ଲେଭୁଲ-୯ ବୃଦ୍ଧି ସଂସ୍ଥା ଅଧିକାରୀ ଓ ବରିଷ୍ଠ ସଂସ୍ଥା ଅଧିକାରି ପଦ ସୃଷ୍ଟି କରିବା, ଜିଲ୍ଲା ଅମଲା କ୍ୟାଡର ପୁନଗଠନ ହେତୁ ଉଚ୍ଛେଦ ହୋଇଥିବା ଉପ ବିଭାଗ ଅଧିକାରୀ ପଦବୀ ପୁନଃ ମଞ୍ଜୁରୀ, ବର୍ଦ୍ଧିତ ହାରରେ ଗରଭଡା ଭତା, ମାସିକ ଚିକିତ୍ସା ଭତା, ପୁରୁଣା ପେନଶନ ରୁଲ ଲାଗୁ କରିବା, ସରେଣ୍ଡର ଲିଭର ପୁନଃ ପ୍ରଚଳନ ଆଦି ବିଭିନ୍ନ ଦାବି ସଭାପତି ଶ୍ରୀ ରଥ ଆଗତ କରିଥିଲେ । ଜିଲ୍ଲା ସଂପାଦକ ସୁକାନ୍ତ କୁମାର ଜେନା ସଂପାଦକୀୟ ପାଠ କରିଥିବା ବେଳେ ବୈଠକରେ ହରେକୃଷ୍ଣ ବରାଳ, ଅକ୍ଷୟ କୁମାର ନାୟକ, ଦିବାକର ମହାନ୍ତି, ଶୁଭେନ୍ଦୁ ତ୍ରିପାଠୀ, ରମାକାନ୍ତ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ପ୍ରସନ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଧାୟକ ସୂର୍ଯ୍ୟବଂଶୀଙ୍କୁ ଅଭିନନ୍ଦନ



ବାସୁଦେବପୁର ,୧୩/୧୧ (ନି.ପ୍ର): ବାସୁଦେବପୁର ବିଜେପି ପକ୍ଷରୁ ଧାମନଗର ନୂତନ ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଙ୍କୁ ଅଭିନନ୍ଦନ ଜଣା ଯାଇଛି । ବିଜେପିର ବରିଷ୍ଠ ନେତା ଓ ସାମ୍ବାଦିକ କିଶୋର କୁମାର ମହାପାତ୍ର, ଉଦୟ ନାରାୟଣ ମଲ୍ଲିକ, ମଧୁସୂଦନ ପାଢ଼ୀ, ସୁଶାନ୍ତ, ପିତାମ୍ବର ପାତ୍ର, ସୁବାସ ଚନ୍ଦ୍ର ପ୍ରଧାନ, ଭଗବାନ ମହାନ୍ତି, ଆଇନଜୀବୀ ଇଂ ନିରଦ ଦାସ ଓ ବହୁ ବିଜେପି କର୍ମୀ ବାସୁଦେବପୁର ହାଇସ୍କୁଲ ଛକରେ ଏକତ୍ର ହୋଇ ବିଧାୟକ ସୂର୍ଯ୍ୟବଂଶୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ : ଜମି ଅଧିଗ୍ରହଣ ନୈରାଶ୍ୟଜନକ



ରାଉରକେଲା ,୧୩/୧୧ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କ ଗତ ୬୦ ବର୍ଷ ପୁରୁଣା ଦାବି, ତାଳଚେର-ବିମଳାଗଡ଼ା ରେଳପଥ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଦେଖିବାକୁ ମିଳୁନି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପଶ୍ଚିମ ଓଡ଼ିଶାବାସୀ ଅନାୟାସରେ ରାଜ୍ୟ ରାଜଧାନୀ ସହ ଯୋଡ଼ି ହେବାସହ ଖଣିଜପଦାର୍ଥ ପରିବହନ ସମସ୍ୟାର ସମାଧାନ ହେବ । ମୋଟାମୋଟି ଭାବେ ଏହି ପ୍ରକଳ୍ପ ରାଜ୍ୟ ରାଜକୋଷକୁ ଆହୁରି ସମୃଦ୍ଧ କରିବ । ତଥାପି, ପ୍ରକଳ୍ପର କାର୍ଯ୍ୟକାରିତା ପ୍ରତି ଦୃଷ୍ଟି ଦେଉନାହାନ୍ତି ରାଜ୍ୟ ସରକାର । ଶିଥିଳ ଜମି ଅଧିଗ୍ରହଣ ଏହାର ଏକ ଜ୍ୱଳନ୍ତ ଉଦାହାରଣ ।

ସୂଚନା ଅନୁସାରେ, ଜମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ବାବଦକୁ ରେଳବାଇ ପକ୍ଷରୁ ପ୍ରାୟ ୪୫୦ କୋଟି ଟଙ୍କା ରାଜ୍ୟ ସରକାରଙ୍କ ତହବିଲରେ ଜମା କରାଯାଇଛି । କିନ୍ତୁ, କେବଳ ଅନୁଗୁଳ ଜିଲ୍ଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆଗେଇଥିବାବେଳେ ଉଭୟ ସୁନ୍ଦରଗଡ଼ ଓ ଦେବଗଡ଼ ଜିଲ୍ଲା ପ୍ରଶାସନର ଏଥିପ୍ରତି ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି । ଉଲ୍ଲେଖଯୋଗ୍ୟ, ମୋଟ୍ ୧୪୯.୭୮ କିଲୋମିଟର ବିଶିଷ୍ଟ ଏହି ରେଳପଥ ପ୍ରକଳ୍ପ ପାଇଁ ସୁନ୍ଦରଗଡ଼-ଅନୁଗୁଳ-ଦେବଗଡ଼ ଜିଲ୍ଲାରେ ୧୧୫ଟି ଗାଁର ୮୫୪.୫୪ ଏକର ବେସରକାରୀ ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି । ଏଥିପାଇଁ ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ୍‌ର ସର୍ବାଧିକ ୨୨ ଗାଁ, କୋଇଡ଼ା ବ୍ଲକ୍‌ର ୪ ଗାଁ ଓ ବଣାଇଁ ବ୍ଲକ୍‌ର ୩ ଗାଁରେ ମୋଟ୍ ୨୪୮.୦୨ ଏକର ଜମି ଅଧିଗ୍ରହଣ କରାଯିବ । ସେହିଭଳି, ଦେବଗଡ଼ ଜିଲ୍ଲାର ୧୯ଟି ଗାଁର ୧୯୨.୦୯ ଏକର ଅନୁଗୁଳ ଜିଲ୍ଲାରେ ୬୭ଟି ଗାଁର ୪୧୪.୪୩ ଏକର ଓ ଜମି ଅଧିଗ୍ରହଣ କରାଯିବ । ଏହିକ୍ରମରେ ଏଯାବତ୍ ଅନୁଗୁଳ ଜିଲ୍ଲାରେ ୫୧୦.୦୩୫ ଏକର ଜମି ଅଧିଗ୍ରହଣ କରାଯାଇଛି । ତେବେ, ସୁନ୍ଦରଗଡ଼ ଜିଲ୍ଲାରେ ଏଯାଏ ମାତ୍ର ଗୋଟିଏ ଗାଁର ୨.୦୫ ଏକର ଜମି ଅଧିଗ୍ରହଣ କରାଯାଇଛି । ପ୍ରଶାସନର ଉଦାସୀନତା ଯୋଗୁଁ ବାକି ୨୮ଟି ଗାଁରେ କେବେ ଜମି ଅଧିଗ୍ରହଣ କରାଯିବ, ତାହା ସ୍ପଷ୍ଟ ଜଣାପଡୁନି । ଦୁର୍ଭାଗ୍ୟଜନକ ବିଷୟ ଏହା ଯେ, ଦେବଗଡ଼ ଜିଲ୍ଲାରେ ଏବେସୁଦ୍ଧା କାଣିଚାଏଁ ଜମି ବି ଅଧିଗ୍ରହଣ ହୋଇପାରିନି । ଅନ୍ୟପକ୍ଷରେ, ୨୦୨୫ ସୁଦ୍ଧା ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖଯାଇଛି । ମାତ୍ର, ଜମି ଅଧିଗ୍ରହଣ ପ୍ରକ୍ରିୟା ଶୀତଳଭଣ୍ଡାରକୁ ଚାଲିଯାଇଥିବାରୁ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷହେବା ଆଶା କ୍ଷୀଣ ।

# ଜିଲ୍ଲାସ୍ତରୀୟ ସଫଳତା ପାଇଲେ ବିଶ୍ୱଜିତ



ବାସୁଦେବପୁର ,୧୩/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ର ଦଶମ ଶ୍ରେଣୀ ଛାତ୍ର ବିଶ୍ୱଜିତ ବାରିକ ଭଦ୍ରକ ଜିଲ୍ଲା ସ୍ତରୀୟ ସୁରଭି ପ୍ରୋଗ୍ରାମ ରେ ସଫଳତା ହାସଲ କରିଛନ୍ତି । ଜିଲ୍ଲା ସ୍ତରୀୟ ଏହି କାର୍ଯ୍ୟକ୍ରମ ରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱଜିତଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱଜିତଙ୍କ ଉଦ୍ୟମ କୁ ପ୍ରଶଂସା କରିଥିଲେ । ଭାଷଣ ପ୍ରତିଯୋଗିତାରେ ଶୀର୍ଷକ ଥିଲା ଏକ ଭାରତ ଶ୍ରେଷ୍ଠ ଭାରତ । ଏହି ପ୍ରତିଯୋଗିତାରେ ବିଶ୍ୱଜିତ ବ୍ଲକ ସ୍ତରରୁ ମନୋନୀତ ହୋଇ ଜିଲ୍ଲା କୁ ଯାଇଥିଲେ । ବିଶ୍ୱଜିତଙ୍କୁ ସଫଳତା ଆଣି ଦେବାରେ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ରାଜେଶ ବେହେରା, ସହକାରୀ ଶିକ୍ଷକ ରାକେଶ ନାୟକ,ପ୍ରତାପ ବାରିକ,ମାନସୀ ନାଥ, ବଳରାମ ବାରିକ, ବିଜୟଲକ୍ଷ୍ମୀ ବେହେରା, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ବସଷ୍ଟାଣ୍ଡରୁ ନବଜାତ ଶିଶୁ ପୁତ୍ର ଉଦ୍ଧାର

ଜୟପୁର ,୧୩/୧୧ (ନି.ପ୍ର): ନବ ଜାତ ଶିଶୁ ପୁତ୍ର ଉଦ୍ଧାର ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡା ବସଷ୍ଟାଣ୍ଡରେ ପରିତ୍ୟକ୍ତ ଅବସ୍ଥାରେ କେହି ଛାଡି ଦେଇ ଚମ୍ପଟ ମାରିଥିଲେ । ଜଣେ ମହିଳା ଶିଶୁ ପୁତ୍ରର କାନ୍ଦ ଶୁଣି ଉଦ୍ଧାର କରି ରାବଣାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଜୟପୁର ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ଙ୍କୁ ଖବର ଦେଇଥିଲେ । ଖବର ପାଇ ଥାନା ଅଧିକାରି ଜିଲା ଶିଶୁ ସୁରକ୍ଷା ଅଧିକାରି ଙ୍କୁ ଅବଗତ କରାଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଆସି ଶିଶୁ ପୁତ୍ରକୁ ଗ୍ରହଣ କରି କୋରାପୁଟ ନେଇଥିଲେ । ଶିଶୁ ପୁତ୍ର ଠିକ ଥିବା ଜଣାଯାଇଛି ।

# ଔଷଧ ଲାଇସେନ୍‌ସ ଅନ୍‌ଲାଇନ୍ ଆବେଦନରେ ସମସ୍ୟା : ସରକାରଙ୍କ ନିକଟରେ ପଡ଼ିରହିଛି ନୂଆ ୱେବସାଇଟ୍ ଡିଜାଇନ୍ ପ୍ରସ୍ତାବ



ଭୁବନେଶ୍ୱର ,୧୩/୧୧ (ନି.ପ୍ର): ଅନ୍‌ଲାଇନ୍‌ରେ ଔଷଧ ଲାଇସେନ୍‌ସ ପାଇବା ପାଇଁ ଲୋକଙ୍କୁ ନାକେଦମ ହେବାକୁ ପଡୁଛି । ରାଜ୍ୟ ଭେଷଜ ନିର୍ଦ୍ଦେଶକ କାର୍ଯ୍ୟାଳୟର ୱେବସାଇଟ୍‌ରେ ଆବେଦନ ପ୍ରକ୍ରିୟା ଜଟିଳ ଥିବାରୁ ଜଣେ ବ୍ୟକ୍ତି ନିଜେ ଏଥିପାଇଁ ଆବେଦନ କରିବା କଷ୍ଟକର ହୋଇ ପଡୁଛି । କେବଳ ଲାଇସେନ୍‌ସ ନୁହେଁ, ଲାଇସେନ୍‌ସ ନବୀକରଣ ପାଇଁ ମଧ୍ୟ ଦୋକାନୀମାନଙ୍କୁ ସମାନ ଦଶା ଭୋଗିବାକୁ ପଡୁଛି । ୱେବସାଇଟ୍‌ରେ ଜଟିଳ ଆବେଦନ ପ୍ରକ୍ରିୟାକୁ ପରିବର୍ତ୍ତନ କରିବା ଲାଗି ରାଜ୍ୟ ସରକାରଙ୍କୁ ଭେଷଜ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି ।

ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତ୍ୟେକ ଦିନ ଔଷଧ ଦୋକାନ ଲାଇସେନ୍‌ସ ପାଇଁ ଆବେଦନପତ୍ର ଆସୁଛି । ଦୈନିକ ଏହି ସଂଖ୍ୟା ୩-୪ଶହ ଥିବା ବେଳେ ଏହାର ସିଂହଭାଗ କେବଳ ଦ୍ୱୈତନଗରୀରୁ ରହିଛି । ମାତ୍ର ଆବେଦନ ପ୍ରକ୍ରିୟା ଜଟିଳ ରହିଥିବା କାରଣରୁ ଦୋକାନୀମାନଙ୍କୁ ହଇରାଣ ହେବାକୁ ପଡୁଛି । ଏହାର ସୁଯୋଗ ନେଉଛନ୍ତି ଦଲାଲ । ଲାଇସେନ୍ସ କରାଇଦେବା ନାଁରେ ଲୋକମାନଙ୍କୁ ଲୁଟ୍ କରାଯାଉଛି । ସେହିପରି ଦେ ?ନିକ ପ୍ରାୟ ୫୦ ଲାଇସେନ୍‌ସ ନବୀକରଣ ପାଇଁ ଆବେଦନପତ୍ର ଆସୁଥିବା ବେଳେ ଏଥିପାଇଁ ଦୋକାନୀମାନଙ୍କୁ ଭେଷଜ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି । ଏହି ସମସ୍ୟାର ସମାଧାନ ସହ ଆବେଦନ ପ୍ରକ୍ରିୟାକୁ ସରଳ କରିବା ଲାଗି କିଛି ମାସ ତଳେ ଆଲୋଚନା ହୋଇଥିଲା । ଓକାକ୍ ଏହାର ଡିଜାଇନ୍ କରିବ । ମାତ୍ର ଏହି ପ୍ରସ୍ତାବ ନାଲି ଫିତା ତଳେ ଚାପି ହୋଇ ରହିଛି । ଅପରପକ୍ଷରେ ରାଜ୍ୟରେ ଥିବା ଔଷଧ ଦୋକାନୀ ପଞ୍ଜୀକୃତ କି ନୁହେଁ ସେ ସଂପର୍କରେ ସାଧାରଣ ନାଗରିକ ଜାଣିବା ଲାଗି ବର୍ତ୍ତମାନର ୱେବସାଇଟ୍‌ରେ କୌଣସି ବ୍ୟବସ୍ଥା ନାହିଁ । ଯାହାଫଳରେ ଲାଇସେନ୍ ?ସ ଥିବା ଔଷଧ ଦୋକାନରେ ନକଲି ଔଷଧ ବିକ୍ରି ହେବାର ଆଶଙ୍କା ବୃଦ୍ଧି ପାଇଛି । ତେଣୁ ୱେବସାଇଟ୍ ?ରେ ଔଷଧ ଦୋକାନ ସଂପର୍କରେ ତଥ୍ୟ ଜାଣିବା ସଂପର୍କରେ ବ୍ୟବସ୍ଥା ରହିବା ଲାଗି ଦାବି ହୋଇଛି ।

ଭେଷଜ ନିୟନ୍ତ୍ରକ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ କହିବା କଥା ଲୋକମାନେ ନିଜେ କିମ୍ବା ଜନସେବା କେନ୍ଦ୍ରରେ ଲାଇସେନ୍‌ସ ପାଇଁ ଆବେଦନ କରିପାରିବେ । ଯେଉଁମାନେ ଲାଇସେନ୍‌ସ ପାଇଁ ଆବେଦନ କରୁଛନ୍ତି ସେମାନଙ୍କ ଆବେଦନପତ୍ରରେ କିଛି ତ୍ରୁଟି ଥିଲେ ହିଁ ତାହାକୁ ଖାରଜ କରାଯାଉଛି । ତଥାପି ଆବେଦନ ପ୍ରକ୍ରିୟାକୁ ସହଜ କରିବା ଲାଗି ୱେବସାଇଟ୍‌ରେ ବ୍ୟବସ୍ଥା କରିବାକୁ ପ୍ରଚେଷ୍ଟା ଜାରି ରହିଛି । ରାଜ୍ୟ ସରକାରଙ୍କଠାରୁ ଅନୁମୋଦନ ଆସିବା ପରେ ନୂଆ ଢଙ୍ଗରେ ଆବେଦନ ପ୍ରକ୍ରିୟା କାର୍ଯ୍ୟକାରୀ ହେବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି ।

ନାର୍କୋଟିକ୍ ଡ୍ରଗ୍ ଅଭିଯୋଗର ଯାଞ୍ଚ କରିବେ ଡିଏମ୍‌ଇଟି:

ଭୁବନେଶ୍ୱର ଓ କଟକରେ ନାର୍କୋଟିକ୍ ଡ୍ରଗ୍ ଆବଣ୍ଟନକୁ ନେଇ ଅଭିଯୋଗ ହୋଇଛି । ରାଜ୍ୟ ଭେଷଜ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏ ସଂପର୍କରେ ସୂଚନା ଦିଆଯାଇଛି । ତେବେ ଏହି ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡିଏମ୍‌ଇଟିଙ୍କ ଅଧକ୍ଷତାରେ ଏକ କମିଟି ଗଠନ ହୋଇଛି । ଏହି କମିଟି ଭେଷଜ ନିୟନ୍ତ୍ରକ ଓ କ୍ଷେତ୍ରସ୍ତରରେ ଯାଞ୍ଚ କରି ଏହାର ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ । ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡିଏମ୍‌ଇଟିଙ୍କ ନିକଟକୁ ଚିଠି ଜାରି ହୋଇଛି । ଗତ ୭ତାରିଖରେ ଡିଏମ୍‌ଇଟି, ରାଜ୍ୟ ଭେଷଜ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟକୁ ଯାଞ୍ଚ କରିବା ଲାଗି ତାରିଖ ଧାର୍ଯ୍ୟ ହୋଇଛି । ମାତ୍ର ଯାଞ୍ଚ ଆରମ୍ଭ ନେଇ କୌଣସି ସୂଚନା ମିଳିନାହିଁ । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଘରୋଇ ହସ୍ପିଟାଲରେ ହେଉଥିବା ଅସ୍ତ୍ରୋପଚାରରେ ବ୍ୟବହୃତ ଔଷଧ ଓ କେତେକ କ୍ୟାନସର ଔଷଧ ନାର୍କୋଟିକ୍ ଡ୍ରଗ୍ ଆଇନ ଭିତରେ ଆସୁଛି । ମାତ୍ର ଏସବୁ ଔଷଧର ଠିକ୍ ଭାବେ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହେଉଛି ।

# ବଲାଙ୍ଗୀର ଜିଲ୍ଲା ସାମ୍ବାଦିକ ସଂଘର ପରିବର୍ତ୍ତିତ କାର୍ଯ୍ୟାବଳୀ

ବଲାଙ୍ଗୀର ,୧୩/୧୧ (ନି.ପ୍ର): ଜିଲ୍ଲା ସାମ୍ବାଦିକ ସଂଘର ନବଗଠିତ କର୍ମକର୍ତ୍ତାମାନଙ୍କ ପ୍ରଥମ ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ସଂଘ ପାଠାଗାର ପରିସରରେ ସଭାପତି ଶିବପ୍ରସାଦ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀଙ୍କ ସ୍ୱାଗତ ଭାଷଣ ପରେ ସଂଘର ଦିବଂଗତ ସଦସ୍ୟମାନଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ନୂତନ କର୍ମକର୍ତ୍ତାମାନେ ସଂଗଠନ ପ୍ରତି ନିଜର ନିଷ୍ଠା ଓ ପରାକାଷ୍ଠା ପାଇଁ ଶପଥ ପାଠ କରିଥିଲେ ।

ସଂଘର ଆଗାମୀ ୨ ବର୍ଷ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ସାଙ୍ଗକୁ ସାଂଗଠାନିକ କାର୍ଯ୍ୟକ୍ରମ କିପରି ଆଗକୁ ଯିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପ୍ରସ୍ତାବ ଗୃହୀତ ହୋଇଥିଲା । ଜିଲ୍ଲାରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନାଚକ୍ର କିମ୍ବା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ଭଳି ପଦକ୍ଷେପ ଗ୍ରହଣ କରିବାକୁ ଉପଦେଷ୍ଟାମାନେ ମତ ଦେଇଥିଲେ । ଆଗାମୀ ଦିନରେ ଜିଲ୍ଲାର ଉପାନ୍ତ ଅଂଚଳ ବିଶେଷକରି ଖପ୍ରାଖୋଲ, ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଏବଂ ଗୁଡଭେଲା ବ୍ଲକ ଅଂଚଳ ଗୁଡିକରେ ସଂଘର କାର୍ଯ୍ୟକାରିଣୀ ବୈଠକ କରାଯିବା ସାଙ୍ଗକୁ ସେଠାରେ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ନେଇ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି ।

# କିଡନୀ ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇଲେ ସମାଜସେବୀ ପ୍ରମୋଦ ସାହୁ

କେନ୍ଦ୍ରାପଡ଼ା ,୧୩/୧୧ (ନି.ପ୍ର): କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟିର ପ୍ରତିଷ୍ଠାତା ସଭାପତି ତଥା ସମାଜସେବୀ ପ୍ରମୋଦ କୁମାର ସାହୁ ଜଣେ କିଡନୀ ଓ ମଧୁମେହ ରୋଗରେ ପିଡିତ ବ୍ୟକ୍ତିଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେଇଥିବା ଜଣାପଡିଛି । ଶ୍ରୀରାମପୁର ପଂଚାୟତ ଶ୍ରୀରାମପୁର ଗ୍ରାମର ଅଭିରାମ ସାହୁ ଦୀର୍ଘଦିନ ହେବ ମଧୁମେହ ଓ କିଡନୀ ରୋଗରେ ପିଡିତ ଥାଇ ଅର୍ଥାଭାବରୁ ଉତମ ଚିକିତ୍ସା ସୁବିଧା ପାଇପାରୁ ନଥିଲେ । ଖବର ପାଇ ସଭାପତି ଶ୍ରୀ ସାହୁ ଶାଖା ପରିଚାଳିକା ସୌଭାଗ୍ୟ ମଞ୍ଜରୀ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପ୍ରତାପ ଚନ୍ଦ୍ର ସେଠୀ, ଯୁବନେତା ଉତମ ଖୁଣ୍ଟିଆ, ମନୋରଞ୍ଜନ ମୁଦୁଲି, ଏଜେଣ୍ଟ ଚିତ ରଞ୍ଜନ ଦାସ ପ୍ରମୁଖ ପିଡିତଙ୍କ ପରିବାରରେ ପହଁଚି ନଗଦ ୧୦ ହଜାର ଟଙ୍କା ସହ ଜ୍ଞାନଦେବୀ ଗୁଜୁରାଣ ସ୍କିମ୍‌ରେ ମାସକୁ ୧ ହଜାର ଟଙ୍କା ଲେଖାଏଁ ଦେବାକୁ ନିଷ୍ପତି ନେଇଥିଲେ । ସୋସାଇଟିର ଏହିଭଳି ଜନହିତକର କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଶୈଶବକୁ କେମିତି ହତ୍ୟା କରୁଛୁ ଆମେ ?

କାଳିକିଙ୍କର



ଆଜିର ସମାଜ ଭିତରେ ଶିକ୍ଷାକୁ ନେଇ ଚାଲିଛି ଅନେକ ପରୀକ୍ଷା ନିରୀକ୍ଷା । ମଧ୍ୟବିତ୍ତ ପରିବାର ଠାରୁ ଧନୀକ ଶ୍ରେଣୀର ପରିବାର ପର୍ଯ୍ୟନ୍ତ ଶିଶୁର ଜନ୍ମମାତ୍ରେ ତାର ଶିକ୍ଷାପ୍ରାପ୍ତିର ଏକ ଅଦ୍ଭୁତ ଚିନ୍ତା ବାପାମାଆଙ୍କୁ ଘାରିବାକୁ ଲାଗୁଛି । ଇଂରେଜମାନେ ଆମଦେଶ ଛାଡି ଚାଲିଗଲେ ସତ କିନ୍ତୁ ତାଙ୍କ ସଭ୍ୟତା ଓ ସସ୍କୃତି ଆମକୁ ଏବେ ମଧ୍ୟ ଜାବୁଡି ଧରିଛି । ଇଂରାଜୀ ଶିକ୍ଷା ଆମକୁ ଏତେମାତ୍ରାରେ ପ୍ରଭାବିତ କରିଚାଲିଛି ଯେ ଆମେ ଆମର ମାତୃଭାଷା ଆମ ଶିଶୁମାନେ ପଢ଼ନ୍ତୁ ବୋଲି ମଧ୍ୟ ଆମେ ଚାହୁଁନାହୁଁ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଆହ୍ୱାନ- ଉଚ୍ଚ ହେବାପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା ଆଜି କେମିତି ଆପଣାର ମହତ୍ତ୍ୱ ହରେଇ ବସିଛି ବୋଲି ଲାଗୁଛି । ଇଂରାଜୀ ଶିକ୍ଷା ତଥା ଇଂରାଜୀ ମାଧ୍ୟମରେ ଶିକ୍ଷା ଆଜିର ସମାଜରେ ଏକ ଅନାକାଂକ୍ଷିତ ଅଭିଳାଷା ଯେମିତି ହୋଇଯାଇଛି ।

ଆଜି କେବଳ ଆମରାଜ୍ୟରେ ନୁହେଁ ସାରା ଦେଶରେ ଇଂରାଜୀ ମାଧ୍ୟମରେ ଶିକ୍ଷାପ୍ରାପ୍ତି କରିବା ଏବଂ ଇଂରାଜୀକୁ ଶିକ୍ଷାରେ ଅଧିକ ପ୍ରାଧାନ୍ୟ ଦେବା ଯଥେଷ୍ଟ ବଢ଼ିଯାଇଛି । ଏମିତି କି ଯଦିପିଲା ଓଡିଆ କିମ୍ୱା ଆପଣାର ମାତୃଭାଷାରେ ଶିକ୍ଷାଗ୍ରହଣ କଲା ଅଥବା ପ୍ରାଧାନ୍ୟ ଦେଲା ତେବେ ତାହାକୁ ଭଲଦୃଷ୍ଟିରେ ଦେଖାଯାଉନାହିଁ । ଏହା ଏକ ବିଷମ ସମସ୍ୟା ହୋଇ ଆଜିର ସମାଜରେ ଦେଖାଯାଇଛି । ତେବେ ସେ ସମସ୍ୟା ସମ୍ପର୍କରେ ଆମେ ଆଉକେଉଁ ନିବନ୍ଧରେ ଆଲୋଚନା କରିବା । ଆଜି ଆମେ କେମିତି ଆପଣା ହାତରେ ଶୈଶବକୁ ହତ୍ୟା କରିଚାଲିଛୁ ସେ ବିଷୟରେ କିଛି ଆଲୋଚନା କରିବା । ତେବେ କେମିତି ଆମେ ଏମିତି ଜଘନ୍ୟ କର୍ମ କରୁଛୁ ଓ କାହିଁକି କରୁଛୁ ? ଏମିତି ହତ୍ୟା ପୁଣି ଶୈଶବର ହତ୍ୟା କରିବାର ପଛରେ ଆଜିର ମଣିଷର ପ୍ରକୃତ ଉଦ୍ଦେଶ୍ୟ କଣ ? ତାହାହିଁ ଆମକୁ ଆଲୋଚନା କରିବାକୁ ପଡିବ ।

ଆମେ ସେହି ନିମ୍ନ ମଧ୍ୟବିତ୍ତ ଓ ଧନୀକ ଘରେ ଜନ୍ମିତ ଶିଶୁର ଶୈଶବ ସମ୍ପର୍କରେ ଆଲୋଚନା କରିବା । ଶିଶୁଟି ଜନ୍ମହୋଇ ପରିବାରକୁ ଅନେକ ଆନନ୍ଦ ଦିଏ ଓ ପରିବାରର ସଦସ୍ୟମାନେ ପିଲାଟିର ଭବିଷ୍ୟତ ସମ୍ବନ୍ଧରେ ଆଲୋଚନା ଆରମ୍ଭ କରିଦିଅନ୍ତି । ଏମିତି କି ପିଲାଟି ଯେତେବେଳେ ଆଁ ଆଁ କରୁ କରୁ ମାଆ ମାଆ କରିବାକୁ ଆରମ୍ଭ କରେ ସେତେବେଳେ ଶିଶୁଟିକୁ ଜନ୍ମଦେଇଥିବା ମାଆ ଏକ ଭିନ୍ନ ଆଚରଣ ପ୍ରଦର୍ଶନ କରନ୍ତି । ସେ କାଳେ ଶିଶୁଟି ବଡହେଲେ ତାଙ୍କୁ ମମ୍ମି ନ ଡାକି ମାଆ ଡାକିବାକୁ ଲାଗିବ ସେଥିପାଇଁ ଶୁଆ ପକ୍ଷୀକୁ ପିଂଜୁରୀରେ ରଖି ବାଧ୍ୟରେ ରାମ ରାମ ଶିଖାଇବା ପରି ଶିଶୁଟି କଣ୍ଠରେ ମମ୍ମି ନାମକ ଇଂରାଜୀ ଶବ୍ଦ ଜୋର୍‌କରି ଭର୍ତ୍ତୀ କରାଯାଏ । ଖାଲି କ'ଣ ସେତିକି ? ମମ୍ମି ଡାଡିର ଅଧ୍ୟାୟ ସରିଲାପରେ ପିଲାଟି କଣ୍ଠରେ ଇଂରାଜୀ ଅକ୍ଷର, ସଂଖ୍ୟା ଆଦି ଭର୍ତ୍ତୀ ଆରମ୍ଭ ହୁଏ । ଏମିତି ଶିଶୁଟିର ଶୈଶବକୁ ଆରମ୍ଭ ହୁଏ ହତ୍ୟା । ସେ କ'ଣ ଚାହୁଁଛି ସେ କଥା କେହି ଚିନ୍ତା କରନ୍ତି ନାହିଁ । ସେ ଯେ ଖେଳିବ, ବୁଲିବ ଏବଂ ଆପଣାଛାଏଁ ପ୍ରକୃତି ଓ ପରିବେଶକୁ ବୁଝିବ, ଜାଣିବ ସେ କଥାକୁ କିଏ ଅବା ଦେବ ଗରୁତ୍ତ୍ୱ ।

ଏହାପରେ ମଧ୍ୟ ଶିଶୁର ଶୈଶବକୁ ବାରମ୍ୱାର ହତ୍ୟା କରାଯାଏ । ସେ ହସିଲେ କାହିଁକି ଏତେ ହସୁଛୁ, ଚୁପ୍ ରହ, କାନ୍ଦିଲେ, କାହିଁକି କାନ୍ଦୁଛୁ, କାନ୍ଦିବା ବନ୍ଦ କର ନଚେତ୍ ମାଡ ଖାଇବୁ । ଏ କାମ କର ନା, ସେ କାମ କର ନା, ଏ କଥା କହନ୍ତି ନାହିଁ ସେ କଥା କହନ୍ତି, ଏମିତି ବସନ୍ତି ନାହିଁ ସେମିତି ବସନ୍ତି ଇତ୍ୟାଦି କେତେ ଉପଦେଶ ଓ ପରାମର୍ଶ । କେହିଜଣେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ଯେ ସେ ପିଲାଟି କଣ ଚାହୁଁଛି ? କ'ଣ ତା'ର ଆବଶ୍ୟକ ? ଏ ଶୈଶବରେ ସେ କେତେ ବୋଝ ନେଇପାରିବ ? କେତେ ତା'ର ଶକ୍ତି ? ଏହା ନ ବୁଝି ଆମେ ତା'ର ଶୈଶବକୁ ଆପଣା ଇଚ୍ଛାରେ ନିୟନ୍ତ୍ରିତ କରିବାକୁ ଚାହୁଁ ଯାହା ଶୈଶବର ହତ୍ୟାଠାରୁ କମ୍ ନୁହେଁ ।

ଏହାଠାରୁ ଅଧିକ ଭୟାନକ ପରିସ୍ଥିତି ସେତେବେଳେ ସୃଷ୍ଟିହୁଏ ଯେତେବେଳେ ଶିଶୁଟିକୁ ବଳପ୍ରୟୋଗ ପୂର୍ବକ ଏକ ସମ୍ପୂର୍ଣ୍ଣ ଭିନ୍ନ ପରିବେଶକୁ ପଠେଇ ଦିଆଯାଏ । ଅର୍ଥାତ୍ ସେ ଦୁଇବର୍ଷ ହୋଇଛି କି ନାହିଁ ତାକୁ ବିଦ୍ୟାର୍ଜନ କରିବା ନିମନ୍ତେ ବିଦ୍ୟାଳୟକୁ ପଠାଇ ଦିଆଯାଏ । ସହର, ନଗର, ମହାନଗର ମାନଙ୍କରେ ଅନେକ ବିଦ୍ୟାଳୟ ଖୋଲିଛି ଯେଉଁଠି ଶିଶୁର ଶୈଶବର ସୁରକ୍ଷା ନାମରେ ତା'ର ହତ୍ୟା ହେଉଛି । ସେ ବଡି ସକାଳେ ବିଛଣା ଛାଡିବାକୁ ପ୍ରସ୍ତୁତ ନ ଥିଲାବେଳେ ଜୋରକରି ତାକୁ ବିଛଣାରୁ ଉଠାଇ ଦିଆଯାଏ ।

ତାକୁ ନିତ୍ୟକର୍ମର ସମ୍ପାଦନ ପାଇଁ ମଧ୍ୟ ଚାପ ଦିଆଯାଏ । ତାର ଖାଇବାକୁ ଇଚ୍ଛା ନ ଥିଲେ ମଧ୍ୟ ଖାଇବାପାଇଁ କୁହାଯାଏ । ବିଦ୍ୟାଳୟର ସ୍ୱତନ୍ତ୍ର ପୋଷାକ ପିନ୍ଧିବାକୁ, ଜୋତା, ମୋଜା ଆଦି ବ୍ୟବହାର କରିବାକୁ ବାଧ୍ୟ କରାଯାଏ । ସେ ଏ ସବୁପ୍ରତି ଅନାଗ୍ରହ ଦେଖାଇଲେ ମଧ୍ୟ କାହାର ସେଥିପ୍ରତି ଦୃଷ୍ଟି ନ ଥାଏ । ଏହାକୁ ଏକପ୍ରକାର ଶୈଶବର ହତ୍ୟା ବୋଲି କୁହାଯାଇପାରେ । ତେବେ ସବୁଠାରୁ ଭୟଙ୍କର ପରିସ୍ଥିତି ସେତେବେଳେ ସୃଷ୍ଟିହୁଏ ଯେତେବେଳେ ପିଲାଟି ଘରଛାଡି, ବାପା ମାଆ ଆଦିଙ୍କୁ ଛାଡି ଯିବାକୁ ଚାହୁଁ ନ ଥିବ ସେତେବେଳେ ତାକୁ ବାଧ୍ୟକରି ଟାଣି ଟାଣି ବିଦ୍ୟାଳୟ ନାମକ କାରାଗାର ଭିତରକୁ ନିକ୍ଷେପ କରାଯାଏ ଯେଉଁଠି ତା'ର ଶୈଶବର ହତ୍ୟାପାଇଁ ସମସ୍ତ ବ୍ୟବସ୍ଥା ହୋଇଥାଏ ।

ସେ କାନ୍ଦେ, ଗଡିଯାଏ ତଳେ, କେତେ କାକୁତି ମିନତି କରେ କିନ୍ତୁ କଂସେଇ ଯେମିତି ହଣାକାଠକୁ ଛେଳି, ମେଣ୍ଢାଙ୍କୁ ଟାଣି ନେଇଯାଏ ସେମିତି ଘଟଣା ଘଟେ ପିଲାଟିର ଏହି ଶୈଶବରେ । ବିଦ୍ୟାଳୟରେ ସେ ରହେ ସମ୍ପୂର୍ଣ୍ଣ ଅପରିଚିତଙ୍କ ଗହଣରେ । ସେ ବିକଳ ହୋଇ କାନ୍ଦେ କିନ୍ତୁ ତା'ର କାନ୍ଦଣା କାହାକୁ ପ୍ରଭାବିତ କରେନାହିଁ ବରଂ ଅନେକ ସମୟରେ ଶିଶୁଟି ଶାରିରୀକ ନିର୍ଯ୍ୟାତନାର ଶୀକାର ହୁଏ । ସେ ଏକ ଭୟଯୁକ୍ତ ବାତାବରଣରେ ବଂଚିବାକୁ ବାଧ୍ୟ ହୁଏ । ଏହା କ'ଣ ଶୈଶବର ହତ୍ୟା ନୁହେଁ କି ? ଆଧୁନିକ ବିଶ୍ୱସମାଜରେ ଆଜି ଏମିତି ହେଉଛି ଶୈଶବର ଲାଳନପାଳନ । ପିଲାଟି ଏମିତି ଏକ ନିର୍ଦ୍ଦୟ ପରିବେଶରେ ବଡ ହେଉଛି ଯେ ସେ ବଡହୋଇ ସେମିତି ନିର୍ଦ୍ଦୟ ଓ ନିଷ୍କରୁଣ ହୋଇ ଯାଉଛି । ଆମେ କିନ୍ତୁ ସେଥିପ୍ରତି କଦାଚିତ୍ ସଚେତନ ରହୁଛୁ ।

ଏହାର କାରଣ କଣ ? କାରଣ ହେଉଛି ଆମର ଜୀବନ ଶୈଳୀରେ ବିଶୃଂଖଳା । ଆମର ସମ୍ବେଦନହୀନତା ଓ ଶିଶୁଙ୍କ ପ୍ରତି ଦାୟିତ୍ୱହୀନତା । ଆମେ ଆଜି ସଭ୍ୟତା ନାମରେ କେବଳ ଲମ୍ଫଦୌଡ ଲଗାଇବାରେ ସଚେଷ୍ଟ ରହିଛୁ । ଅଧିକ ଧନ ଉପାର୍ଜନପାଇଁ ରାତି ଆଉ ଦିନ ଏକାକାର କରୁଛୁ । ଭୋଗ ବିଳାସରେ ମସ୍‌ଗୁଲ ରହୁଛୁ । ଆମର ଜୀବନ କେବଳ ଆମଭିତରେ ବନ୍ଦୀ ହୋଇ ଯାଇଛି । ଆମେ କେବଳ ଆମେରେହିଁ କେନ୍ଦ୍ରୀଭୁତ ହୋଇ ଯାଇଛୁ । ଏଣୁ ଶିଶୁଟିର ଶୈଶବକୁ ସୁରକ୍ଷିତ ରଖିବାରେ ବିଫଳ ହେଉଛୁ । ଶୈଶବର ହତ୍ୟା ଆମରି ହାତରେ ଆମେ କରିଚାଲିଛୁ ।

+ସୌଭାଗିନୀ ନିବାସ,
ରଟିଲୋ, ରେଂଚ, ପୁରୀ-
୭୫୨୧୧୪,
ମୋ-୮୨୪୯୨୧୬୦୬୭

# ଇକୋ ଗାଁ ମୁଦୁଲିଗାଡ଼ିଆ




କେତେକାଂଶରେ ସୁଧାର ଆସିପାରିଛି । ଜଙ୍ଗଲ ବିଭାଗ ସହାୟତାରେ ମୁଦୁଲିପଡ଼ାର ଲୋକମାନେ ଉନ୍ନତ ଜୀବନଧାରଣ କରିବାର ସୁଯୋଗ ପାଇ ପାରିଛନ୍ତି । ଗାଁର ଲୋକମାନେ ଏବେ ଆଉ ପେଟପାଟଣା ପାଇଁ କେବଳ ଜଙ୍ଗଲ ଉପରେ ନିର୍ଭର କରୁନାହାନ୍ତି । ପରିବେଶ ପର୍ଯ୍ୟଟନ ପ୍ରକଳ୍ପ ଯୋଗୁଁ ଗାଁ ଲୋକଙ୍କ ଜୀବନଧାରଣର ମାନରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ବାହାର ଦୁନିଆର ଲୋକମାନେ ଏହି ଗାଁ ଏବଂ ଏଠାକାର ବାସିନ୍ଦା, ପରିବେଶ ଓ ପ୍ରକୃତିକୁ ଚିହ୍ନିବାର ସୁଯୋଗ ପାଇଛନ୍ତି । ବିଗତ ୩ ବର୍ଷ ମଧ୍ୟରେ ଏହି ଗାଁ ପ୍ରାୟ ୨ କୋଟି ଟଙ୍କ ଆୟ କରିପାରିଛି । ଏହା ବ୍ୟତୀତ ଗାଁର ପ୍ରତି ପରିବାର ମାସିକ ୧୫ ହଜାର ଟଙ୍କା ଆୟ କରିବାରେ ସମର୍ଥ ହୋଇ ପାରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗାଁକୁ ପାଖାପାଖି ୧୦ ନିୟୁତ ପର୍ଯ୍ୟଟକ ଆସିଥିବାର ଜାଣିବାକୁ ମିଳିଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଗଠନ କରିଥିଲେ । ଗାଁରେ ରହୁଥିବା ୩୫ଟି ପରିବାରର ଲୋକମାନେ କିପରି ଆତ୍ମନିର୍ଭରଶୀଳ ହେବେ ଓ ଗାଁରେ କିପରି ବର୍ଜ୍ୟବସ୍ତୁ ପରିଚାଳନା କରାଯାଇପାରିବ ଏବଂ ପ୍ଲାଷ୍ଟିକର ବ୍ୟବହାରକୁ ରୋକାଯାଇପାରିବ ତାହା ହିଁ ଥିଲା ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ । ମୁଦୁଲିଗାଡ଼ିଆର ସ୍ୱାତନ୍ତ୍ର୍ୟ ହେଉଛି ଏହି ଛୋଟ ଗାଁଟି ସ୍ଥାନୀୟ ଲୋକଙ୍କ ତତ୍ତ୍ୱାବଧାନ ଓ ଉଦ୍ୟମରେ ଇକୋ ଗାଁରେ ପରିଣତ ହୋଇପାରିଛି । ଇକୋ-ଟୁରିଜିମ୍‌ର ଏହି ଓଡ଼ିଶା ମଡେଲ ପ୍ରକଳ୍ପ ଏକମାତ୍ର ପ୍ରକଳ୍ପ ଯାହା କି ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । କେବଳ ସେତିକି ନୁହେଁ ଏଥିରୁ ଆଦାୟ ହେଉଥିବା ରାଜସ୍ୱର ୮୦ ପ୍ରତିଶତ ପ୍ରତ୍ୟେକ୍ଷ ଭାବେ ଲୋକଙ୍କ ପାଖକୁ ଯାଇଥାଏ । ବଳକା ୨୦ ପ୍ରତିଶତ ରାଜସ୍ୱରେ ପର୍ଯ୍ୟଟନସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯାଇଥାଏ ।



ଦିନେ କାଠମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡୁଥିବା ଗାଁ ଆଜି ଓଡ଼ିଶାର ଏକ ମଡେଲ୍ ଗାଁ ଭାବେ ପରିଚିତ । କାରଣ ଇକୋ ଗାଁର ମାନ୍ୟତା ପାଇଛି ଏହି ଗାଁ ଯାହାର ନାଁ ମୁଦୁଲିଗାଡ଼ିଆ । ଇଚ୍ଛାଶକ୍ତି ଏବଂ ଭିନ୍ନ କିଛି କରି ଦେଖାଇବାର ଆଗ୍ରହରେ ଏହି ଗାଁର ଲୋକମାନେ ନିଜ ନିଜର ମାଟି ଘରକୁ ଆକର୍ଷଣୀୟ ରୂପ ଦେଇଛନ୍ତି । ନିଜ ପରମ୍ପରା, କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ଯାଇ ଘରର କାନ୍ଥରେ ଆଙ୍କିଛନ୍ତି ପାରମ୍ପରିକ ଅନେକ ଆକର୍ଷଣୀୟ ଚିତ୍ରକଳା । ଗାଁକୁ ପ୍ରବେଶ କଲା ମାତ୍ରେ ଆଖିରେ ପଡ଼ିବ ଏହାର ଦୁଇପଟେ ଚାରା ରୋପଣ କରାଯାଇ ସବୁଜ ବନାନୀ ସୃଷ୍ଟି କରାଯାଇଛି । କେବଳ ଏତିକି ନୁହେଁ, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଡଷ୍ଟବିନ୍ ବ୍ୟବହାର ମଧ କରାଯାଇଛି । ଏହା ବ୍ୟତୀତ ଆଉ ଏକ ଉଲ୍ଲେଖନୀୟ କଥା ହେଉଛି ଗାଁର ଲୋକମାନେ ସଂପୂର୍ଣ୍ଣ ଗାଁଟିକୁ ଶତ ପ୍ରତିଶତ ପ୍ଲାଷ୍ଟିକ୍ ମୁକ୍ତ କରିପାରିଛନ୍ତି । ନୟାଗଡ଼ ଜିଲ୍ଲା ସାତକୋଶିଆ ଗଣ୍ଡ ନିକଟରେ ରହିଛି ଏହି ଗାଁ । ଏହା ବଡ଼ମୂଳ ପରିବେଶ ପର୍ଯ୍ୟଟନସ୍ଥଳ ପାଖରୁ ପ୍ରାୟ ୨ କିମି ଦୂରରେ ଅବସ୍ଥିତ । ଦିନେ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଏବେ ନିଜ ପେଟପାଟଣା ପାଇଁ ଜୈବିକ ଚାଷକୁ ଗୁରୁତ୍ୱ ଦେଉଛନ୍ତି । କୀଟନାଶକ ବ୍ୟବହାର କରିବା ପରିବର୍ତ୍ତେ ଗାଈରର ଗୋବରରୁ ଖତ ପ୍ରସ୍ତୁତ କରି ସେମାନେ ଚାଷ ଜମିରେ ଉପଯୋଗ କରୁଛନ୍ତି । ପୂଜା ପାଇଁ ମଧ ସେମାନେ ଗୋଟିଏ ସ୍ଥାନରେ ପୂଜାସ୍ଥଳ ତିଆରି କରିଛନ୍ତି । ଏ ସଂପର୍କରେ ମୁଦୁଲିପଡ଼ା ଗାଁର ଲୋକେ କୁହନ୍ତି ଗତବର୍ଷ ଏହି ଗାଁକୁ ଦେଶ ବିଦେଶର ଅନେକ ପର୍ଯ୍ୟଟକ ବୁଲି ଆସିଥିଲେ । ସେମାନେ ଗାଁଟି ବୁଲି ଦେଖିବା ପରେ ଏହାକୁ ଓଡ଼ିଶାର ଏକ ମଡେଲ ଗାଁ ବୋଲି ଅବିହିତ କରିବା ସହିତ ଗ୍ରାମବାସୀଙ୍କ ପ୍ରୟାସକୁ ମୁକ୍ତକଣ୍ଠରେ ପ୍ରଶଂସା ମଧ କରିଥିଲେ । ଏଠାରେ ଗୋଟିଏ କଥା ସୂଚାଇ ଦିଆଯାଇପାରେ ଯେ ଏହି ଗାଁକୁ ପର୍ଯ୍ୟଟକ ଆସିବା ଦ୍ୱାରା କେବଳ ଗାଁଟି ଦେଶ ବିଦେଶରେ ପରିଚିତ ହୋଇପାରି ନାହିଁ । ବରଂ ଗ୍ରାମବାସୀଙ୍କ ଆର୍ଥିକ ଅବସ୍ଥାରେ ମଧ

# ପୋଦିନା ଚାର ଉପଯୋଗିତା



ସ୍ୱାସ୍ଥ୍ୟ ବର୍ଦ୍ଧକ ପୋଦିନା ପତ୍ର ବିଭିନ୍ନ ଭାରତୀୟ ବ୍ୟଞ୍ଜନରେ ବ୍ୟବହୃତି ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ତଥ୍ୟ ଅନୁସାରେ ପ୍ରତ୍ୟହ ସକାଳେ ପୋଦିନା ଚା ପିଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଅମ୍ଳରୋଗୀଙ୍କ ପାଇ ଏହା ଏକ ମହୌଷଧି ହୋଇଥିଲାବେଳେ ଓଜନ ନିୟନ୍ତ୍ରଣରେ ମଧ ଏହା ସହାୟକ । ପେଟର ଚର୍ବି କମ କରିବାକୁ ଚାହୁଁଥିବା ଲୋକେ ପୋଦିନା ଚା ପିଇବା ଉଚିତ । ପୋନିାରେ ଥିବା ମେନ୍ଥଲ, ମେଥୋନ, ମିଥାଇଲ ଆସିଟେଟ ଆଦି ତତ୍ତ୍ୱ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ପୋଦିନା ଚା ପେଟ ସଫା ରଖିବା ସହ ମସ୍ତିଷ୍କକୁ ଶାନ୍ତ ରଖିଥାଏ ବୋଲି ବିଷେଶଜ୍ଞ ପ୍ରକାଶ କରିଛନ୍ତି ।

# ସୁଜି ବରଫି

ବରଫି କହିଲେ ସାଧାରଣତଃ ବେସନ କି କାଜୁ ବରଫି ବୋଲି ଲୋକେ ବୁଝିଥାଆନ୍ତି । କିନ୍ତୁ ସୁଜିରେ ମଧ ବରଫି ତିଆରି ହୋଇପାରିବ । କାଜୁ ଓ ବେସନ ବରଫି ଭଳି ସୁଜିରେ ତିଆରି ବରଫି ଅଧିକ ଦିନ ପର୍ଯ୍ୟନ୍ତ ରହିପାରିବ । ଭାଗମାପ ଠିକ୍ ରହିଲେ ଏହା ଖାଇବାକୁ ସୁଆଦିଆ ଲାଗିବା ସହିତ ଆପଣ ଚାହିଁଲେ ଏହାକୁ କିଛିଦିନ ଷ୍ଟୋର୍ କରି ରଖିପାରିବେ । ଯେଉଁମାନଙ୍କର ଲାକ୍ଟିକ୍ ଆଲର୍ଜି ଅଛି ସେମାନେ ଏହି ବରଫିକୁ ଆରାମରେ ଖାଇପାରିବେ । କାରଣ ସୁଜି ବରଫି ପ୍ରସ୍ତୁତ କଲା ବେଳେ କ୍ଷୀର ଦରକାର ହୋଇନଥାଏ । ଯେଉଁମାନେ ଚାହିଁବେ ସେମାନେ ମିଶାଇ ପାରିବେ । ଉତ୍ତର ଭାରତୀୟ ଲୋକମାନେ ସୁଜି ବରଫିକୁ ସାଧାରଣତଃ ଜନ୍ମାଷ୍ଟମୀ ଅବସରରେ ପ୍ରସ୍ତୁତ କରିଥାଆନ୍ତି । ଅନେକ ପୁଣି ତିଜ୍ ଅବସରରେ ଏହି ବରଫି ପ୍ରସାଦ ପାଇଁ ତିଆରି କରିଥାଆନ୍ତି । ସୁଜି ବରଫି ଟିକେ କୁରକୁରିଆ ଲାଗିଥାଏ । ଏହା ତିଆରି କରିବା ସହଜ । ଏହାର ସ୍ୱାଦ ମଧ ଭଲ । ଯଦି ଭାଗ ମାପ ଠିକ୍ ରହିବ ତେବେ ଏହାକୁ



ଆପଣ ମାସେରୁ ଅଧିକ ସମୟ ରଖିପାରିବେ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳି ।

**ପ୍ରସ୍ତୁତି :**

ପ୍ରଥମ ଥର ପାଇଁ ତିଆରି କରିବାକୁ ଯାଉଥିଲେ ଏହି ମାପ ଅନୁସରଣ କରନ୍ତୁ । ସୁଜି ୧ କପ (୨୦୦ଗ୍ରାମ), ଚିନି ୩/୪ କପ୍ (୧୫୦ ଗ୍ରାମ), ଘିଅ ୧/୨ କପ୍ (୧୦୦ଗ୍ରାମ), କାଜୁ ୧୦ଟା, ଆଲମଣ୍ଡ ବା ବାଦାମ ୧୦ଟା, ଗୁଜୁରାତି ୪ଟା । ସୁଜି ବରଫି ତିଆରି କରିବା ପାଇଁ ଏକ ପ୍ୟାନରେ ୧/୨ କପ୍ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହେଲା ପରେ ଏଥିରେ ୧ କପ୍ ସୁଜି ଭାଜି ହୋଇଗଲା ପରେ ଏକ ପ୍ଲେଟ୍‌ରେ ବାହାର କରି ଥଣ୍ଡା କରିବାକୁ କିଛି ସମୟ ଛାଡ଼ିଦିଅନ୍ତୁ । ଏଥର ବରଫି ପାଇଁ ସିରା ପ୍ରସ୍ତୁତ କରନ୍ତୁ । ସିରା ତିଆରି କରିବା ପାଇଁ ପ୍ୟାନରେ ୩/୪ କପ୍ ଚିନିରେ ଅଧ କପ ପାଣି ମିଶାଇ ଚିନି ମିଳାଇବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ଏହାପରେ ବରଫି ଜମିବା ପାଇଁ ଏକ ପ୍ଲେଟ୍‌ରେ ଘିଅ ମାରି ଛାଡ଼ିଦିଅନ୍ତୁ । ଏଥର ଚିନି ମିଶିଗଲା କି ନାହିଁ ଦେଖନ୍ତୁ । ଚିନି ମିଶିଯାଇଥିଲେ ଆଞ୍ଚକୁ ହାଲୁକା କରି ହାତରେ ଗୋଲ ଗୋଲ କରି ଟିକେ ଦେଖିନିଅନ୍ତୁ । ଯଦି ଦେଖିବେ ହାତରେ କିଛି ଚିପାଚିପା ଲାଗୁନାହିଁ ତେବେ ଜାଣିବେ ଏହି ମିଶ୍ରଣ ବରଫି ଜମିବା ପାଇଁ ପ୍ରସ୍ତୁତ । ଏଥର ଏହି ମିଶ୍ରଣକୁ ଘିଅ ଲଗାଯାଇଥିବା ପ୍ଲେଟରେ ଢାଳି ଭଲ କରି ସେଟ୍ କରିଦିଅନ୍ତୁ । ଟିକେ ଥଣ୍ଡା ହୋଇଗଲା ପରେ ଯେଉଁଠୁ କାଟିବେ ଛୁରିରେ ଦାଗ ଦେଇଦିଅନ୍ତୁ । ଟିକେ ଥଣ୍ଡା ହୋଇଗଲା ପରେ ଯେଉଁଠୁ କାଟିବେ ସେଠାରେ ଛୁରିରେ ଦାଗ ଦେଇଦିଅନ୍ତୁ । ବରଫି ଥଣ୍ଡା ହୋଇଗଲେ ଛୋଟ ଛୋଟ ଟୁକୁରା କରି କାଟି ଦିଅନ୍ତୁ । ସଂପୂର୍ଣ୍ଣ ଥଣ୍ଡା ହୋଇଗଲେ ଏହାକୁ ଏୟାର ଟାଇଟ୍ କଣ୍ଟେନର୍‌ରେ ଭରି ରଖନ୍ତୁ । ସ୍ୱାଦ ଅନୁସାରେ ଆପଣ ଚିନି ମିଶାଇ ପାରିବେ ।

# ପାଉଁଶରୁ ଭୂକମ୍ପରୋଧୀ କଂକ୍ରିଟ



ଅଷ୍ଟ୍ରେଲିଆର ସ୍ୱିନ୍‌ବର୍ଗ ୟୁନିଭର୍ସିଟିର ବୈଜ୍ଞାନିକମାନେ ପରିବେଶ ଅନୁକୂଳ ମୋଡ଼ି ହେଉଥିବା କଂକ୍ରିଟ ନିର୍ମାଣ କରିଛନ୍ତି, ଯାହା ଭୂକମ୍ପ ପ୍ରଭାବରେ ଧ୍ୱଂସ ହେବାରୁ ଅଟ୍ଟାଳିକାଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବ । ଅଟ୍ଟାଳିକାରେ ସୃଷ୍ଟ ଫାଟରୁ ମଧ ରକ୍ଷା କରିବ । ଗବେଷକମାନେ କୋଇଲା ପାଉଁଶରୁ ଏହି ଉପକରଣ ନିର୍ମାଣ କରିଛନ୍ତି । କୋଇଲାଚାଳିତ ପାୱାରର ଷ୍ଟେସନ୍‌ରୁ ସେମାନେ ପାଉଁଶ ସଂଗ୍ରହ କରି ତାକୁ କଂକ୍ରିଟରେ ରୂପାନ୍ତରିତ କରିଛନ୍ତି । ଜାପାନ, ନ୍ୟୁଜିଲ୍ୟାଣ୍ଡ ଭଳି ଭୂକମ୍ପପ୍ରବଣ ଦେଶ ପାଇଁ ଏହି କଂକ୍ରିଟ ଉପଯୁକ୍ତ । ଏଠାରେ ପ୍ରାୟ ସବୁଦିନ ଲୋକେ ଛୋଟ ବଡ଼ ଭୂକମ୍ପ ସାମ୍ନା କରନ୍ତି । ଗବେଷକମାନେ କ୍ୱିନ୍‌ସଲ୍ୟାଣ୍ଡ ସ୍ଥିତ ଗ୍ଲାଡଷ୍ଟୋନ୍ ଥର୍ମାଲ୍ ପାୱାର ଷ୍ଟେସନରୁ ଉପଲବ୍ଧ ପାଉଁଶରୁ ପ୍ରସ୍ତୁତ କଂକ୍ରିଟ ଭାରି ଓଜନ ଦ୍ୱାରା ବଙ୍କା ହେବାର ଭିଡିଓ ଜାରି କରିଛନ୍ତି । ଏହାକୁ 'ଇଞ୍ଜିନିୟର୍ଡ ଜିଓପଲିମର କମ୍ପୋଜିଟ୍' ଭାବେ ସମ୍ବୋଧନ କରାଯାଇଛି । ପ୍ରୟୋଗଶାଳାରେ କରାଯାଇଥିବା ପରୀକ୍ଷାରେ ଫଳାଫଳ ଅନୁସାରେ, ସାଧାରଣ କଂକ୍ରିଟ ଅପେକ୍ଷା ଏହି ନୂଆ କଂକ୍ରିଟ ପ୍ରାୟ ୪୦୦ ଗୁଣ ଅଧିକ ବଙ୍କା ହୋଇପାରିବ । ଏହାର ସାମର୍ଥ୍ୟ ସାଧାରଣ କଂକ୍ରିଟ ଭଳି ବୋଲି ମେଲବର୍ନ ସ୍ଥିତ ସ୍ୱିନ୍‌ବର୍ଗ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ସାଇନ୍ସ, ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଗବେଷକ ବେହଜାଡ୍ ନେମାଟୋଲ୍ଲାହି କହିଛନ୍ତି । ଅଟ୍ଟାଳିକା, ପୋଲ ଓ ସୁଡ଼ଙ୍ଗ ଆଦି ନିର୍ମାଣ କ୍ଷେତ୍ରରେ ଏହି କଂକ୍ରିଟ ବିଶେଷ ପ୍ରଭାବଶାଳୀ ପ୍ରମାଣିତ ହୋଇପାରିବ । ପାରମ୍ପରିକ କଂକ୍ରିଟ କେବଳ ପ୍ରସାରିତ କିମ୍ୱା ବଙ୍କା ହେବା ଦ୍ୱାରା ନଷ୍ଟ ହୋଇଯାଏ ତାହା ନୁହେଁ, ବରଂ ପ୍ରଚୁର ଅଙ୍ଗାରକାମ୍ଳ ମଧ ଉତ୍ପନ୍ନ କରେ । କାରଣ ସିମେଣ୍ଟ ପ୍ରସ୍ତୁତିରେ ଉଚ୍ଚ ତାପମାତ୍ରାରେ ଚୂନପଥର ଗରମ କରିବାକୁ ପଡ଼େ, ଯାହା ଅଙ୍ଗାରକାମ୍ଳ ଉତ୍ପନ୍ନ କରେ । ତେଣୁ ଏହି ପ୍ରକ୍ରିୟାରେ ଉଦ୍ୟୋଗ ମାନଙ୍କରୁ ନିର୍ଗତ ବର୍ଜ୍ୟ ସାମଗ୍ରୀ ବ୍ୟବହାର ଯଥେଷ୍ଟ ନିର୍ଗତ ବର୍ଜ୍ୟ ସାମଗ୍ରୀ ବ୍ୟବହାର ଯଥେଷ୍ଟ ବେଶି ସ୍ଥାୟିତ୍ୱର ପ୍ରମାଣ ମିଳିଛି ବୋଲି ଗବେଷକମାନେ କହିଛନ୍ତି । ସେମାନେ କ୍ୱିନ୍ସଲ୍ୟାଣ୍ଡର ଗ୍ଲାଡଷ୍ଟୋନ୍ ପାୱାର ଷ୍ଟେସନରୁ ନିର୍ଗତ ନିମ୍ନ କ୍ୟାଲସିୟମ୍‌ଯୁକ୍ତ କୋଇଲା ପାଉଁଶ ବ୍ୟବହାର କରିଥିଲେ । ଏଥିସହ ଦୁଇ ପ୍ରକାର ମୂଳ ଧାତୁ- ଦ୍ରବୀଭୂତ ଓ ୱେଲଡିଂରେ ବ୍ୟବହୃତ ଏକ କାଚ ଭଳି ଉତ୍ପାଦ ବ୍ୟବହାର କରିଥିଲେ । ଅନ୍ୟ ନମନୀୟ କଂକ୍ରିଟ ଉତ୍ପାଦନ ପଦ୍ଧତି ତୁଳନାରେ ମୋଡ଼ି ହେଉଥିବା କଂକ୍ରିଟ ନିର୍ମାଣରେ ୩୬ ପ୍ରତିଶତ କମ୍ ଶକ୍ତି ଏବଂ ୭୬ ପ୍ରତିଶତ କମ୍ ଅଙ୍ଗାରକାମ୍ଳ ଉତ୍ପନ୍ନ ହୁଏ ।



ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୪ ନଭେମ୍ବର ୨୦୨୨, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଶୀଘ୍ର ସମାପ୍ତ ହେବା ଉଚିତ...

ଏକ ରାଜ୍ୟର ରାଜ୍ୟପାଳଙ୍କ ପ୍ରଧାନ କର୍ତ୍ତବ୍ୟ ହେଉଛି ସମ୍ବିଧାନର ନିୟମାବଳୀଗୁଡ଼ିକୁ ସଂରକ୍ଷିତ, ସୁରକ୍ଷିତ ଏବଂ ପ୍ରତିରକ୍ଷିତ କରିବା ସହିତ ରାଜ୍ୟ ପ୍ରଶାସନରେ ଭାରତୀୟ ସମ୍ବିଧାନର ସେହିସବୁ ଆଇନଗୁଡ଼ିକର ଅନୁପାଳନ କରିବା, ଯେଉଁଗୁଡ଼ିକ ସମ୍ବିଧାନର ଅନୁଚ୍ଛେଦ ୧୫୯ରେ ତାଙ୍କର ଶପଥ ଗ୍ରହଣ ପାଇଁ ସନ୍ନିବେଶିତ ହୋଇଛି । ରାଜ୍ୟପାଳ ହେଉଛନ୍ତି ଏକ ରାଜ୍ୟର ନାମମାତ୍ର ବା ସାମ୍ବିଧାନିକ ମୁଖ୍ୟ ଏବଂ ତା' ସହିତ ସେ ମଧ କେନ୍ଦ୍ର ସରକାରଙ୍କର ସମ୍ପୃକ୍ତ ରାଜ୍ୟରେ ଜଣେ ଏଜେଣ୍ଟ୍ ବା ପ୍ରତିନିଧ, ଯେହେତୁ କେନ୍ଦ୍ର ସରକାର ହିଁ ପ୍ରତ୍ୟେକ ରାଜ୍ୟ ନିମନ୍ତେ ରାଜ୍ୟପାଳ ମନୋନୀତ କରିଥାନ୍ତି । ମୋଟାମୋଟି ଏକ ରାଜ୍ୟର ରାଜ୍ୟପାଳ ଏକ ଗରିମାମୟ ପଦବୀରେ ଅଧିତ ହୋଇଥାନ୍ତି ଏବଂ ତାଙ୍କଠାରୁ ନିର୍ବାଚିତ ସରକାରଙ୍କ ସହିତ ସୌହାର୍ଦ୍ଦିପୂର୍ଣ୍ଣ ସମ୍ପର୍କ ରଖି ରାଜ୍ୟର ଉନ୍ନତି କଳେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ଆଗେଇ ନେବା ଆଶା କରାଯାଏ । ପରନ୍ତୁ, ବେଶ୍ କିଛି ବର୍ଷ ହେବ ରାଜ୍ୟପାଳ ପଦବୀର ଆବଶ୍ୟକତାକୁ ନେଇ ଚର୍ଚ୍ଚା ହୋଇ ଆସିଛି ଯେ ଏହି ପଦବୀ ଉଠାଇ ଦିଆଯିବାର ଆବଶ୍ୟକତା ରହିଛି ନା ନାହିଁ ଏହାର କାରଣ, ସାମ୍ପ୍ରତିକ ସମୟରେ କେତେକ ରାଜ୍ୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ବା ନିର୍ବାଚିତ ସରକାରଙ୍କ ମଧ୍ୟରେ ମତଭେଦ ଓ ବିବାଦ ଉପୁଜିବା ସମ୍ପ୍ରତି ଦେଶର ଦକ୍ଷିଣ ଭାଗରେ ଅବସ୍ଥିତ ରାଜ୍ୟମାନଙ୍କ ମଧ୍ୟରେ ଏକ ନୂଆ ସଂଘ ଗଠିତ ହେବା ଭଳି ମନେ ହେଉଛି ଏବଂ ଏହି ସଂଘ ସେମାନଙ୍କର ନିଜ ନିଜର ରାଜ୍ୟପାଳମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ଉଦ୍ଦେଶ୍ୟରେ ହେଉଥିବା ପ୍ରତୀୟମାନ ହୁଏ । ତାମିଲନାଡୁରେ ଦ୍ରାବିଡ଼ ମୁନେତ୍ର କାଟ୍ରାଗାମ୍ (ଡିଏମ୍‌କେ) ତାଙ୍କର ରାଜ୍ୟପାଳ ଆରଏନ୍ ରବିଙ୍କର ଅସାମ୍ବିଧାନିକ ଆଚରଣ ବିରୋଧରେ ଅଭିଯୋଗ ଉଠାଇ ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖୁଛି । ଡିଏମ୍‌କେର ଅଭିଯୋଗ ହେଲା- ବିଧାନସଭା ଦ୍ୱାରା ପାରିତ ବିଗୁଡ଼ିକର ଅନୁମୋଦନ କରିବାରେ ଅର୍ଥାତ୍ ତାଙ୍କର ସ୍ୱାକ୍ଷର ପ୍ରଦାନ କରିବାରେ ଶ୍ରୀଯୁକ୍ତ ରବି ଆପାତତଃ ମନ୍ଥରତା ପ୍ରଦର୍ଶନ କରୁଛନ୍ତି । ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ) ଅବ୍ୟାହତି ବିଲ ଏବଂ ରାଜ୍ୟରେ ତିନିଗୋଟି ଭାଷା ନୀତି ଲାଗୁ ସମ୍ପର୍କରେ ରାଜ୍ୟପାଳଙ୍କର ଡିଏମ୍‌କେ ସରକାରଙ୍କ ସହିତ ମତ ପାର୍ଥକ୍ୟ ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ଉପୁଜି ଥିବା ଫାଟକୁ ଅଧିକ ବଢ଼ାଇ ଦେଇଛି । ଇତ୍ୟବସରରେ କେରଳ, ଯେଉଁଠି ବାମପନ୍ଥୀ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଡିଏଫ) କ୍ଷମତାରେ ଅଛି, ତାହା ମଧ ତାଙ୍କର ରାଜ୍ୟପାଳ ଆରିଫ୍ ମହମ୍ମଦ୍ ଖାନ୍‌ଙ୍କୁ ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାପତି ପଦରୁ ହଟାଇବା ନିମନ୍ତେ ଏକ ଅଧାଦେଶ ଆଣିଛି । ଅନେକେ ହୁଏତ ଭୁଲି ନଥିବେ ଯେ ବର୍ତ୍ତମାନ ଉପରାଷ୍ଟ୍ରପତି ପଦରେ ଆସୀନ ଶ୍ରୀଯୁକ୍ତ ଜଗଦୀପ ଧନଖଡ଼ ଯେଉଁ ଅଳ୍ପ କେତେ ମାସ ପଶ୍ଚିମବଙ୍ଗର ରାଜ୍ୟପାଳ ରହିଥିଲେ, ସେହି ସମୟରେ ରାଜ୍ୟର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଏବଂ ତାଙ୍କ ଭିତରେ ଅନେକ ସମୟରେ ଦ୍ୱନ୍ଦ ଉପୁଜୁ ଥିଲା । ସେହିଭଳି ମହାରାଷ୍ଟ୍ରରେ ମହା ବିକାଶ ଅଘଡ଼ି ସରକାର ଶାସନ କ୍ଷମତାରେ ଥିଲା ବେଳେ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ପ୍ରାୟତଃ ଉତ୍ତେଜନା ଲାଗି ରହୁଥିଲା । ରାଜ୍ୟପାଳମାନେ, ମୂଳତଃ, ଏକ ଗରିମାମୟ ପଦର ଅଧିକାରୀ ଏବଂ ସେମାନେ ସେମାନଙ୍କର ଏହି ଗରିମାକୁ ରକ୍ଷା କରିବା ଆଶା କରାଯାଏ । କିନ୍ତୁ ଭାରତର ରାଜନୀତିକ ଇତିହାସ ଦର୍ଶାଇ ଥାଏ ଯେ ଏହି କାର୍ଯ୍ୟାଳୟ ଅନେକ ଥର କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ଆୟୁଧ ଭାବରେ ବ୍ୟବହାର କରାଯାଇ ଆସିଛି । ଏଥିପାଇଁ ଯେ କେବଳ ବର୍ତ୍ତମାନର କେନ୍ଦ୍ର ସରକାରଙ୍କୁ ଦୋଷ ଦିଆଯାଇ ପାରିବ, ତାହା ନୁହେଁ । ଉଭୟ ବିଜେପି ଏବଂ କଂଗ୍ରେସ ନିଜ ନିଜ ସମୟରେ ଏହା କରି ଆସିଛନ୍ତି, ଯେଉଁଥିପାଇଁ ଉଭୟଙ୍କର ଦୋଷ ରହିଥିବା କଥାକୁ କଟିତ୍ ଏଡ଼ାଇ ଦେଇ ହେବ । ତେଣୁ ରାଜ୍ୟପାଳ ବନାମ ରାଜ୍ୟ ସରକାର ଦ୍ୱନ୍ଦ ଉପୁଜିବ ବୋଲି ଆଶା କରିବା ଏକ ସ୍ୱାଭାବିକ ଘଟଣା, ବିଶେଷକରି ଯେଉଁସବୁ ରାଜ୍ୟରେ ବିରୋଧୀ ଦଳମାନେ ଶାସନ କ୍ଷମତାରେ ଅଛନ୍ତି, ସେହିସବୁ ରାଜ୍ୟରେ ଏଭଳି ବିରୋଧ ମନୋଭାବ ଏହି ସାଧାରଣତନ୍ତ୍ରର ସ୍ୱପ୍ନ ଦେଖୁଥିବା ମନୀଷୀମାନଙ୍କ ପକ୍ଷରେ ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ବିଫଳତାର ପ୍ରମାଣକୁ ବହନ କରିଥାଏ । ପ୍ରଥମଟି ହେଉଛି, ସମ୍ବିଧାନର ଦୃଷ୍ଟିକୋଣ ଥିଲା ଯେ ରାଜ୍ୟପାଳଙ୍କ ଭୂମିକା ସେହିଭଳି ହେବା ଉଚିତ ଯାହା ରାଜନୀତିର ଆକର୍ଷଣ ଏବଂ ଚାପଠାରୁ ଦୂରରେ ରହିବ । କହିବା ବାହୁଲ୍ୟ, ସେ ଦୃଷ୍ଟିକୋଣ ସମ୍ପ୍ରତି ଦୁର୍ନୀତିଗ୍ରସ୍ତ ହୋଇ ସାରିଛି । ଏହି ବିଚ୍ୟୁତି ପାଇଁ ଉଭୟ ସତ୍ତାବାଦୀ କେନ୍ଦ୍ର ସରକାରମାନେ ଏବଂ ଅନୁକୂଳନଶୀଳ ରାଜ୍ୟପାଳମାନଙ୍କୁ ସମାନ ଦୋଷ ଦିଆଯାଇପାରେ । ମଧୁଚନ୍ଦ୍ରିକା ପୁରସ୍କାର ବହନ କରି ଆଣିଥାଏ ବୋଲି ସମସ୍ତେ ଜାଣନ୍ତି । ରାଜ୍ୟପାଳ ପଦର ଗରିମାର ଏହି ଅବକ୍ଷୟ ଅନ୍ୟ ଏକ ତୃଟି ବିଚ୍ୟୁତିକୁ ପ୍ରଦର୍ଶନ କରିଥାଏ । ତାହା ହେଉଛି, ରାଜନୀତିକ ତଥା ସରକାରୀ ବାଚାତୁର୍ଯ୍ୟରେ ସଂଘୀୟବାଦର ଉପେକ୍ଷାକରଣ । ଏକ ସାମ୍ବିଧାନିକ ପଦର ଅଧିକାରୀ ଏବଂ ବିରୋଧୀ ଦଳ ହୋଇଥିବା ଏକ ନିର୍ବାଚିତ ସରକାରଙ୍କ ମଧ୍ୟରେ ଦ୍ୱନ୍ଦ୍ କଦାଚିତ୍ ଏକ ସଂଘୀୟ ବ୍ୟବସ୍ଥାର ଉର୍ଷକୁ ବିଜ୍ଞପିତ କରିଥାଏ । ତଥାପି, ଏହି ଅବକ୍ଷୟ ଏକ ବିସ୍ତୃତ ଅଧୟନ ଓ ଅସ୍ୱୀକାର ପଥରେ ତା'ର ଯାତ୍ରା ଅବ୍ୟାହତ ରଖୁଛି, ଯାହାର ଶୀଘ୍ର ସମାପ୍ତ ହେବା ଉଚିତ ।



## ଚାଚା ନେହେରୁ

**ଅକ୍ଷୟ କୁମାର ରାଉତ**



ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।

"ଆନନ୍ଦ ଭବନ" ରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ, ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠେଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ "ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ" ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳା କୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପଞ୍ଜାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟୁ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷ୍‌ରେ ଚରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ।

ପଞ୍ଜାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚାରି ଆଡ଼େ ପ୍ରଚାରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୂତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖକୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା।

ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା।

କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଭ୍ରଷ୍ଟାଚାରକୁ ଆମ ଦେଶରେ ରୋକି ହେବ କି?



**ସୁବ୍ରତ କର**

ମୋର ଏହା ଉପରେ ଉତ୍ତର ସିଧାସଳଖ ନା । ଏବଂ ମୁଁ ଭାବୁଛି ପ୍ରାୟ ଦେଶର ଶତକଡ଼ା ୯୦ ଭାଗ ଲୋକ ମୋ ସହିତ ଏକମତ ହେବେ । କହିଲେ ତ ହେବନାହିଁ ଏହା ପାଇଁ ଯଥେଷ୍ଟ ପ୍ରମାଣ ଦରକାର । ଏବେ ଏବେ କେତେଗୁଡ଼ାଏ ରାଜ୍ୟରେ ନିର୍ବାଚନ ହେବାକୁ ଯାଉଛି । ଏହି ମାସରେ ହିମାଚଳ ପ୍ରଦେଶ ଏବଂ ଆସନ୍ତା ମାସରେ ଗୁଜରାଟଠାରେ । ଆମେ ଯଦି ଏହି ଦୁଇ ପ୍ରଦେଶରେ ବିଧାନସଭା ନିର୍ବାଚନକୁ ବିଚାରକୁ ନେବା ଏବଂ ନିର୍ବାଚନ ଆୟୋଗର କାର୍ଯ୍ୟକୌଶଳକୁ ଦେଖିବା ଆମକୁ ଗ୍ରହଣ କରିବାକୁ ପଡ଼ିବ ଯେ ବିନା ଭ୍ରଷ୍ଟାଚାରରେ ନିର୍ବାଚନ ସମ୍ଭବ ନୁହେଁ । ଏ ପର୍ଯ୍ୟନ୍ତ ନିର୍ବାଚନ ଆୟୋଗ ସୁରକ୍ଷାକର୍ମୀଙ୍କ ସାହାଯ୍ୟରେ ହିମାଚଳ ପ୍ରଦେଶରେ ନଗଦ ଟଙ୍କା, ମଦ ଏବଂ ଡ୍ରଗ୍ସ ବାବଦକୁ ପ୍ରାୟ ୫୦.୨୮ କୋଟି ଟଙ୍କା ଜବତ୍ କରାହୋଇ ସାରିଛି । ସେହିପରି ଗୁଜରାଟ ପାଇଁ ପ୍ରାୟ ୭୧.୮୮ କୋଟି ଟଙ୍କା ଜବତ୍ କାମ ସରିଛି । ମୂଳରୁ ନିର୍ବାଚନ କମିଶନର ବହୁତ ଚେଷ୍ଟା କରିଛନ୍ତି ବିନା ଭ୍ରଷ୍ଟାଚାର ବା ଟଙ୍କା ଲେନ୍ ଦେନ ନ ହୋଇ ନିର୍ବାଚନ ସୁରଖୁରରେ ହୋଇଯାଉ । ଉପରୋକ୍ତ ଟଙ୍କା ଜବତ୍ ହୋଇଛି ଏବଂ ଚିନ୍ତା କରିବା ଏହା ବାହାରେ ବା ଲୋକଙ୍କ ଅଜାଣତରେ କେତେ ପରିମାଣରେ ଟଙ୍କା, ମଦ, ଡ୍ରଗ୍ସର କାରବାର ହୋଇଥିବା । ଏବେ ଆସିବା ଏହି ପରିମାଣର ଟଙ୍କା ଆସୁଛି କେଉଁଠୁ, ଦେଲାବାଲା କିଏ ଏବଂ ନେଲାବାଲା କିଏ? ଏ ଗୁଡ଼ିକ ମୂୟ କାହାକୁ ଅଛପା ନୁହଁ । ଟଙ୍କା ଦେଉଛନ୍ତି ରାଜନୈତିକ ଦଳର ମୁରବିମାନେ ଏବଂ ନେତା ଲୋକ ଆମ୍ଭେମାନେ ବା ସାଧାରଣ ଜନତା । କାହାର ଟଙ୍କା ଦରକାର ନାହିଁ! ଗୋଟାଏ ଭୋଟ ବଦଳରେ ଯଦି ୨୦୦୦ନଗଦ ଟଙ୍କା ମିଳେ ଛାଡ଼ିବ କିଏ ? ଭୋଟ କାହାକୁ ଦେବା ବା କେଉଁ ଦଳକୁ ଦେବା ବା ମୂଳରୁ ଭୋଟ ନ ଦେବା ଏହା ଆମ ଉପରେ ନିର୍ଭର କରୁଛି । ପ୍ରଥମ କଥା ହେଲା ଆମ ଦେଶରେ ସାଧାରଣ ଭାବରେ (ଯେକୌଣସି ନିର୍ବାଚନରେ) ୬୦ରୁ ୭୦ ଭୋଟ ପଡ଼େ । ଏହାମାନେ ହେଉଛି ପ୍ରାୟ ଶତକଡ଼ା ୩୦ଭାଗ ଲୋକ ଭୋଟ ଦେବାକୁ ଆସନ୍ତି ନାହିଁ । ସରକାର କେବେହେଲେ ଏହାର ମୂଳକୁ ଯାଇ ନାହାନ୍ତି । କାହିଁକି, ସବୁ ସମୟରେ ଅନ୍ତତଃ ୧୦୦ରୁ ୯୦ ଭାଗ ଲୋକ ଭୋଟ ଦିଅନ୍ତି ନାହିଁ ତାହା ଉପରେ ବିଚାର ବିମର୍ଷ ହୁଏନାହିଁ । ଏପରିକି ଏହା ପରେ ନିର୍ବାଚନ କମିଶନର ମଧ କେତେ ଚିନ୍ତା କରନ୍ତି ନାହିଁ । ନିର୍ବାଚନ ସରିଗଲା, କାମ ଶେଷ ହେଲା, ପୁଣି ପରବର୍ତ୍ତୀ କେଉଁଠି ନିର୍ବାଚନ ହେବ ତାର ପ୍ରସ୍ତୁତିରେ ଲାଗିଯିବ । ସରକାର ହାରିଗଲେ ବି ଚିନ୍ତା ନାହିଁ ବା ଜିତିଲେ ବି ଚିନ୍ତ ନାହିଁ । ୩୦ ଭାଗ ଲୋକ ଭୋଟ ଦେଲେ ନାହିଁ ଏହା ଉପରେ ତର୍ଜମା କରିବାର କୌଣସି ଆବଶ୍ୟକତା ନଥାଏ ବୋଲି ଭାବନ୍ତି । କିନ୍ତୁ ମୋର ମନେ ହୁଏ ଯଦି ଏହାପାଇଁ କାରଣ ଖୋଜି କିଛି ହଜିବାରେ ପହଞ୍ଚିବା ତେବେ ହୁଏତ ଭ୍ରଷ୍ଟାଚାର ଉପରେ ପ୍ରଭାବ କମିବାର ସମ୍ଭାବନା ଅଛି ଏବଂ ଆଉ ଗୋଟାଏ କଥା ଏହି ଟଙ୍କା କୋଉଠୁ ଆସୁଛି ଏବଂ କିଏ ଦେଇଛି । ଏ ଗୁଡ଼ିକ ଉପରେ ନିର୍ବାଚନ କମିଶନ ଦୃଷ୍ଟି ଦେବେ ତେବେ ନିଶ୍ଚୟ ଭ୍ରଷ୍ଟାଚାର କମିବ ।






### ଶିଶୁ ଆମ ଧନ ବହୁ ମୂଲ୍ୟବାନ

**ଦୀନବନ୍ଧୁ ପୋଇ**

ଶିଶୁ ଆମ ଧନ ବହୁ ମୂଲ୍ୟବାନ
ସୃଜନୀ ତା ମନେ ଭରପୁର
ତା ମନକୁ ଜାଣି ହୃଦୟକୁ ଜିଣି
ଗଢିଲେ ହୋଇବ ଦେଶ ସାର ।

ବାଜିଆ ଧରମା ଆଉ ନଇକ୍ଷଣ
ବୁଦ୍ଧିଆ ସେ ଆମ ରାଜ୍ୟେ ଥିଲେ
ମାତୃଭୂମି ମାତୃଜାତି ମାନ ପାଇଁ
ନିଜର ଜୀବନ ଦେଇ ଦେଲେ ।

ଦିଲୁ ଦିଶା ବେବି ପୁତୁଲ ପାପୁନି
ଶୁଣ ମୋର ଦୁଇ ପଦକଥା
ସମୟର ମୂଲ୍ୟ ଏବେ ନ ବୁଝିଲେ
ଭବିଷତେ ହେବ ମୁଣ୍ଡବ୍ୟଥା ।

ସମୟ, କର୍ତ୍ତବ୍ୟ ଦୁଇ ମୂଲ୍ୟବାନ
ଯିଏ ବୁଝିବ ସଫଳ ହେବ
ମହାପୁରୁଷଙ୍କ ଜୀବନୀ ପଢିଲେ
ନିଶ୍ଚୟ ଏକଥା ଜାଣିଯିବ ।

ବୁଝିଥିଲେ ଆମ ଗାନ୍ଧି ମହାତମା
ଖୋସିଥିଲେ ଅଣ୍ଟାରେ ଘଣ୍ଟା
କର୍ତ୍ତବ୍ୟକୁ ସିଏ କରି ଚାଲୁଥିଲେ
ଜୀବନ ପଥରୁ ବାଛି କଣ୍ଟା ।

ଦିନେ ଥିଲେ ଶିଶୁ ପଣ୍ଡିତ ନେହେରୁ
ହୋଇଲେ ସେ ଦିନେ ବଡ ନେତା
ଗାନ୍ଧି ଜନତାଙ୍କ ସେବା କରି ଦିନେ
ଆଖ୍ୟା ପାଇଥିଲେ ଜାତି ପିତା ।

ଶିଶୁ ଠାରେ ଅଛି ସବୁ ଗୁଣ ଜ୍ଞାନ
ହେ ଦେଶବାସୀଏ ଚିନ୍ତାକର
ତାଙ୍କ ଆବଶ୍ୟକ କରିଲେ ପୂରଣ
ଆମର ସମସ୍ୟା ହେବ ଦୂର
ହୋଇବେ ସେ ଆମ ଦେଶ ବୀର ।

❤ ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ,
ମୋ: ୯୯୩୮୮୦୨୪୧୨

### ଶିଶୁଦିବସ

**ଜଗଦୀଶ ସାହୁ**

ଶିଶୁଦିବସରେ ଶିଶୁଙ୍କ ମୁହଁରେ
ହସ ଫୁଟେଇବା ଆସରେ ଆସ
ସେଇମାନେ ପରା ଭବିଷ୍ୟତ ହୀରା
ମାଣିକ ମୁକୁତା ସୁନାକଳସ !

ଉତ୍ତମ ସଂସ୍କାର ଭଲ ବ୍ୟବହାର
ଶିଖିଲେ ହୋଇବେ ଭଲ ମଣିଷ
ମିଛକୁ ଦୁରେଇ ସତପଥେ ଥାଇ
କଥା କହୁଥିବେ ହୋଇ ହରଷ !

ପିତାମାତା ଗୁରୁ ଗୁରୁଜନ ଠାରୁ
ସତଶିକ୍ଷା ପାଇ ଚାଲିଲେ ବାଟ
ଜୀବନ ତାଙ୍କର ସରଳ ସୁନ୍ଦର
ହୋଇ ବୋଲାଇବେ ଉତ୍ତମଚାଟ !

ଜୀବେ ଦୟାଭାବ ହୃଦୟରେ ଥିବ
ଭଗବାନ ଦେବେ ଶୁଭଆଶିଷ
ବଡ଼ହୋଇ ଦିନେ ରଖିବେ ସେମାନେ
ଉଚେ ଟେକି ଆମ ଭାରତ ଯଶ !

❤ ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

### ଶିଶୁ ଦିବସ

**ଜୟନ୍ତ କୁମାର ମଲ୍ଲିକ୍**

ଶିଶୁ ମାନଙ୍କର ପ୍ରିୟ ପରବ ତ
ଅଟଇ ଶିଶୁ ଦିବସ
ଏହି ଦିବସରେ ଶିଶୁଙ୍କ ମନରେ
ଭରି ଯାଇଥାଏ ସରସ,
ଚାଚା ନେହେରୁଙ୍କ ଜନମ ଦିନରେ
ଆନନ୍ଦେ ବିଭୋର ହୋଇ
ଆମରି ଦେଶର ଦେବ ଶିଶୁ ମାନେ
ନାଚନ୍ତି ତ ଥେଇ ଥେଇ,
ପ୍ରତିଭା ମଞ୍ଚରେ ଶିଶୁ ମହୋତ୍ସବ
ହୋଇଥାଏ ଅନୁଷ୍ଠିତ
କୃତୀ ପ୍ରତିଯୋଗୀ ମାନେ ସେହି
ମଞ୍ଚେ ହୋଇଥାନ୍ତି ପୁରସ୍କୃତ,
ଜବାହରଙ୍କର ସୁଗୁଣ ବଖାଣି
ଥାଆନ୍ତି ଅତିଥି ଗଣ
ବାରମ୍ବାର ତାଙ୍କ କୀର୍ତ୍ତି ଓ କୃତୀକୁ
କରିଥାନ୍ତି ଉଚ୍ଚାରଣ,
ଏଇମିତି ଆସି ଶିଶୁ ଦିବସଟା
ଶିଶୁ ମନ ମହୁଆଉ-
ଶିଶୁଙ୍କ କାନରେ ଆଦର୍ଶର କଥା
ଆଦରରେ କହିଥାଉ।

ଶୁରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର

### ନିଷ୍ପାପ କଳିକା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଜୀବନର ସ୍ୱୟଂ ଅଭିସ୍ପାରୁ ଜାତ
ନା ଛନ୍ଦ ନା କପଟ
ସ୍ରୋତସ୍ୱତୀ ନଈଟିଏ ଲଘିଂପାରେ
ଗିରି ବନ ପ୍ରାନ୍ତ
ଆସନ୍ତା କାଲିର ନିବାସ ସ୍ଥଳିରେ
ବିଚରଣ କରେ ଆତ୍ମା ଯାର
କୁଆଁ କୁଆଁ ଶବ୍ଦେ ଲାଘବ ମାତୃତ୍ୱ କଷଣ
ଶୂନ୍ୟ କୁଟୀରରେ ହସ ତାର କରିପାରେ
ମୁକୁତାର ବର୍ଷା
ବିନା ପ୍ରତିବନ୍ଧରେ ଅଗ୍ରସର ହୋଇପାରେ, ଅନେକ ଦୂର
ଅନ୍ତରଟା ଭାବଶୂନ୍ୟ ନିତ୍ୟାନ୍ତ ପବିତ୍ର
ଭାବନାରେ ସ୍ୱତଃ ସିଦ୍ଧ
ସମପ୍ରଣ ଓ ନମନୀୟତାର ସମନ୍ୱୟରେ
କୁସୁମ ପରି ପ୍ରସ୍ଫୁଟିତ, ମହକେ ଚତୁର୍ଦ୍ଦିଗେ
କୋମଳ ମୁଖ ରେ ତାର ମୁକୁତାର ହସ
ଲୋଡାତାକୁ ପ୍ରଶାନ୍ତି ର ଭିନ୍ନ ସରହଦ
ସାଗର ଠାରୁ ଗଭୀର ତା ନୟନ ଯୁଗଳ
ନିଷ୍ପାପ ଆଖିରେ ଦେଖ ଥରେ
ଏ ବିଶ୍ୱ ଦିଶଇ ଅମୃତଝର ।

❤ ନୟାଗଡ଼
ମୋ: ୯୪୩୭୬୪୨୯୪୭

### ଶିଶୁ

**ରାମ ଚନ୍ଦ୍ର ପ୍ରଧାନ**

ଶିଶୁଙ୍କର ମନ କୋମଳ ଅଟଇ
ହୃଦୟଟା ପୁରା ଖୋଲା
ଛନ୍ଦ କପଟରେ ଉର୍ଦ୍ଧରେ ସେମାନେ
ହେଲେ ଟିକେ ମନ ଭୁଲା ।

ଶିଶୁଟି ହସିଲେ ଏ ଦେଶ ହସିବ
ଖେଳିବ ଖୁସି ଲହରୀ
ତା' ଠୁକୁଲୁ ଚାଲି ତା' ଦରୋଟି
କଥା
ମନ କିଣଇ ସବୁରି ।

ଅସ୍ଥିର ଅବୁଝା ଭାରି ଅମାନିଆ
ଚଳ ଚଞ୍ଚଳ ତା' ମନ
ସ୍ନେହ ଶରଧାରେ ବୁଝିଯାଏ ସିଏ
ଡାକି ଦେଲେ ବାପଧନ ।

ଆଜି ଯିଏ ଶିଶୁ କାଲି ସେ ହୋଇବ
ଏ ଦେଶର ନାଗରିକ
ଭଲ ପାଠ ପଢ଼ି ସୁନାମ ଆଣିବ
ରଖିବ ଏ ଜାତି ଟେକ ।

କଅଁଳ ଶିଶୁଟି କଞ୍ଚା ମାଟି ପରି
ଏକଥାଟି ଧ୍ୟାନ ରଖ
ଯେମିତି ଗଢ଼ିଲେ ସେମିତି ସେ ହେବ
ଛୁଇଁ ସଫଳତା ଶିଖ ।

ଆହା କି' ସୁନ୍ଦର ତା' ଶିଶୁ ଦୁନିଆଁ
ଲାଗେ ଭାରି ଆପଣାର
ସ୍ମୃତିଟିଏ ହୋଇ ସଦା ରହିଥାଏ
ମନେ ତୋଳି ଟିକି ଘର ।

❤ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

# ଶେଷଦିନ



ବିଜୟଲକ୍ଷ୍ମୀ ପାଣିଗ୍ରାହି

ସ୍ୱର ବାରି ହେଉନି । ସେ... ଡାକୁଛି ତ... ? ବୋଧହୁଏ ନିଦଟା ବେଶୀ ମାଡି ବସିଥିଲା । ନଚେତ ଏତେ ପରିଚିତ ସ୍ୱରଟି ଆଜି ନୂଆ ନୂଆ ଲାଗନ୍ତା କାହିଁକି ? ତା' ନିଦ ଭାଙ୍ଗିବା ପରେ ସେ ଆମକୁ ଉଠାଏ । ପ୍ରଥମ ଡାକଟା ନିଦଭରା ଥାଏ । ତା'ପରକୁ ପର ସ୍କେଲ ବଢୁଥାଏ ସାରେଗାମାର । ନ ଉଠିବା ପର୍ଯ୍ୟନ୍ତ ସ୍ୱର କର୍କଶ ହେଉଥାଏ । ହେଲେ ଆଜି ଏ କି ବ୍ୟତିକ୍ରମ ? ଏତେ ଡାକିଲାଣି ହେଲେବି ଥକିନାହିଁ । ବରଂ କଣ୍ଠସ୍ୱର ଅଧିକରୁ ଅଧିକ ଆକର୍ଷଣୀୟ ଲାଗୁଛି । ଆଜି ତା' ଡାକ ଅଧିକ ଶୁଣିବାକୁ ଇଚ୍ଛା ହେଉଛି । କଣ୍ଠରେ ମା' ସରସ୍ୱତୀ ବସିଛନ୍ତି । ହଉ, ମାଆ କରନ୍ତୁ ଏହିଭଳି ଏହି କୋମଳ ସ୍ୱର ସବୁ ସକାଳେ ଶୁଣିବାକୁ ମିଳୁଥାଉ ।

ଶେଯରେ ଆଉ ଅଧିକ ସମୟ ଶୋଇ ପାରିଲେ ନାହିଁ ଶ୍ରଦ୍ଧା । ମୁହଁ ଧୋଇ କବାଟ ଖୋଲିଲେ । ସାତ ଫୁଟିଆ ପ୍ରାଚୀର କାନ୍ଥରୁ ଫଡ କରି ଉଡି ଆସି ସେ ଶ୍ରଦ୍ଧାଙ୍କ ନିକଟରେ ହାଜର । ଏବେ ବି ଶ୍ରଦ୍ଧା ଆଶ୍ଚର୍ଯ୍ୟ ଯିଏ କବାଟ ଖୋଲୁ ଖୋଲୁ ଝଂଟଟିକୁ ଘଷି ଚାଲେ କାତିକୁ ସାଣ ଦେଲା ଭଳି ଆଜି ଝଂଟ ପୋଛୁଛି ଶାଢୀରେ... ପୁଣି ଏତେ ନରମରେ... ।

ଆକାଶମୁହାଁ ହୋଇ ଦେଖିଲେ ଆଉ ଘଣ୍ଟାଏ ପରେ କୁହୁଡ଼ିଆ ସକାଳଟେ ଆସୁଛି ନିଶ୍ଚୟ । ଫୁଲ କୁଡୁଆର କଢମାନେ ଏବେବି ଉଠିନାହାଁନ୍ତି । କାଲି କାଗଜ ଡଙ୍ଗାରେ ସବାର ହୋଇ ହାଲିଆ ହୋଇଯାଇଛନ୍ତି କି କଣ ? ପତ୍ର ସବୁ କାକରଚାଦର ତଳେ ସାଧନାରତ । କାରଣ ସକାଳ ହେଲେ ମୋତି ଧରିବେ । ରାତିରେ ଫୁଟିଥିବା ଫୁଲ କିଛି ଝଡି ଗଲେଣି ମାଟି ଉପରେ । ସେମାନଙ୍କର ବରଫ ଦିଆ ଶବଗୁଡିକ ସେମିତି ସତେଜ ରହି ଅପେକ୍ଷା କରିଛି ସକାଳକୁ । ଏ ଶେଷ ବେଳାରେ କାହାର ହାତ ପାଇ ତ ଦେବ ପୂଜାରେ ଲାଗିବ । ସାର୍ଥକ ହୋଇ ଯିବ ଜନ୍ମ/ ଜୀବନ ସବୁକିଛି । ଶୀତ ପାଦ ଥାପିସାରିଛି । ସେଇଥିପାଇଁ ତ କାଲୁଆ ଥଣ୍ଟିକୁ ଘଷି ଘଷି ଉଷୁମାଉଛି, ଭାରି ଅଝଟ ପଣରେ... ।

ଆଜି କଣ ହୋଇଛି କି ତୋର ? ମୁଣ୍ଡକୁ ଆଉଁସି ଦେଇ ଦେଖିଲେ, ଆଖିରେ ତାର କରୁଣ ଦୃଷ୍ଟି । ଓଃ ...କେତେ ଆକୁଳତା ଭରି ରହିଛି ? କାହିଁ କଣ ହେଲା କି ତୋର ? ଭୂତକୁ ତ କେବେ ଡରୁ ନଥାଉ । କିଏ ଚୋର ଆସିଲାକି ଆମ ସାହି ଆଡେ ? କିଛି ତ ଗୋଟାଏ ହୋଇଛି । କାହିଁକି ତୋର ଏ ସନ୍ତର୍ପଣ ? ତା' ଅନ୍ତରର ଆବେଗକୁ ତା'ସ୍ୱରରୁ ବାରିବାକୁ ଚେଷ୍ଟାକଲେ ଶ୍ରଦ୍ଧା । ଠିକ ସେତିକି ବେଳକୁ ଶ୍ରଦ୍ଧାଙ୍କର ନଜର ପଡିଲା କେହି ଜଣେ ଫାଟକ ଖୋଲିଲାଣି । କିଏ ସେ ? ଚୋରଟିଏ ନିଶ୍ଚୟ । ଏପଟେ ସେ ଏତେ ତଲ୍ଲୀନ ହୋଇଯାଇଛନ୍ତି ଯେ ଫରଚା ହୋଇ ଆସିବା କଥାରେ ଧ୍ୟାନ ନାହିଁ । ଚୋର ଚୋର କହିବାକୁ ଯାଇ ଜୋରରେ ଚୋ... ବୋଲି ଡାକ ଛାଡିବା ବେଳକୁ ଫାଟକ ପାଖରୁ ବୁଲିପଡୁ ଥିବା ବ୍ୟକ୍ତିଙ୍କୁ ସ୍ୱାମୀ ଭାବେ ଦେଖି ପାଟିକୁ ନିଜ ହାତରେ ଚାପି ଦେଲେ । ଏ କଣ କଥା ? ବ୍ୟାଗଟିଏ ହାତରେ ଧରି ମଫଲରକୁ ମୁଣ୍ଡରେ ଭିଡି, ସୁଇଟର ପିନ୍ଧି ଏ ବାବନା ଭୂତ ଭଳି ଭୋରରୁ ଇଏ କୁଆଡେ ବାହାରିଲେ ?

ଫାଟକ ପାଖରୁ ଚାପା କଣ୍ଠରେ ଶବ୍ଦ ଆସୁଥିଲା... ଜଲଦି ନ ଗଲେ କଣ ହେବ ? ଏବେବି ତ ଲମ୍ବା ଧାଡିଟିଏ ଲାଗି ଯିବଣି । ଆଜି ପରା ଛାଡଖାଇ... । ଶ୍ରଦ୍ଧାଙ୍କର ଆଖି ଅଧିକ ଖୋଲି ହୋଇ ଯାଉଥାଏ । କାଲି କାର୍ତ୍ତିକ ପୂର୍ଣ୍ଣମୀ ଥିଲା ସତ । ହେଲେ ଆଜି ଯେ, ମାର୍ଗଶୀର ମାସ ପ୍ରଥମ ବୁଧବାର । ମାଆ ଲକ୍ଷ୍ମୀଙ୍କ ଶୁଭାଗମନ ହେବ । ଆଜି ପୂଜାପାଇଁ ସମସ୍ତ କାର୍ଯ୍ୟ କରିବାକୁ ପଡିବ । ଆଜି କି ଛାଡଖାଇ । ଘରେ ମୋର ଆଜି ଆମିଷ ପଶିବନି ।

ଆଜି କାଲିକା ଯୁଗରେ କଣ ବିକଳ୍ପ ବ୍ୟବସ୍ଥାର ଅଭାବ ଥାଏ କି ? ସାଙ୍ଗେ ସାଙ୍ଗେ ସ୍ୱାମୀ କହି ଉଠିଲେ, ଠିକ ଅଛି ଘରେ ସିନା କରିବନି । ଆମେ ବାହାରେ କରିନେବୁ । ଚଳିବ ତ.. ?

ଶ୍ରଦ୍ଧା କିଛି କହିବା ପୂର୍ବରୁ ତାଙ୍କ ମୁଣ୍ଡ ହଲିଯାଇଥିଲା । ତାକୁ ଶୁଭ ସଂକେତ ଭାବି ସ୍ୱାମୀ ଗାଡି ଷ୍ଟାର୍ଟ କରିସାରିଥିଲେ । ଏବେ ହାତ ମଧ ତାଙ୍କ ଆଡକୁ ଦେଖାଇ ହଲାଇ ଦେଲେ । ଦେବେନି ବା କିପରି ବଡ କଷ୍ଟରେ ଏ ଧରମ ମାସରେ ପଞ୍ଚୁକ କରନ୍ତି ସ୍ୱାମୀ । ପାଞ୍ଚଦିନ ବିନା ଆମିଷର ଖାଦ୍ୟ ଖାଇ ବଡ଼ ଆକୁଳତାର ସହ ପ୍ରତୀକ୍ଷା ଥିଲା ଛାଡଖାଇର । ତା'ପରେ ଗାଡି ଆଗକୁ ମାଡି ଚାଲିଥିଲା ।

ଆଗକୁ ଚାଲି ପାରୁ ନ ଥିଲେ ଶ୍ରଦ୍ଧା ଆଉ କୁକୀ । କକ୍ - କକ୍ - କ.. କ କହି ନିତି ଡାକେ ବୋଲି ଝିଅ ତା' ନାଁ ରଖିଛି କୁକୀ । ଏବେ ଶ୍ରଦ୍ଧା ବୁଝି ପାରୁଥିଲେ କୁକୀର ଆବେଗ, ପଢିପାରୁଥିଲେ ତା'ଆଖିର ପରିଭାଷା । ତା'ମୁଣ୍ଡକୁ ସାଉଁଳି ଦେଇ କହିଲେ, ତୁ ଜମାରୁ ବ୍ୟସ୍ତ ହୁଅନା ଅନ୍ତତଃ ଆଉ କିଛି ଦିନ ତୁ



ବଂଚିଯିବୁ । ମଣିଷର ଏ ସଂସ୍କୃତି ଯେ ଖାଲି ପଶୁ ପକ୍ଷୀଙ୍କୁ ମାରିବା ପାଇଁ ହୋଇଛି ତାହା ନୁହେଁ, ତାଙ୍କୁ ବଞ୍ଚାଇବା ପାଇଁ ମଧ । ତୁ ଆଜି ଛାଡଖାଇକୁ ତୋର ଶେଷ ଦିନ ଭାବି ଯେଉଁ ଉଦାର ପଣରେ ନିଜର କର୍ତ୍ତବ୍ୟ କରି ସମସ୍ତଙ୍କୁ ଖୁସି ଦେଇଛୁ ସେହି ପୁଣ୍ୟଫଳ ସ୍ୱରୂପ ତୁ ଆଉ କିଛି ଦିନପାଇଁ ଆୟୁଷ ପାଇଗଲୁ । ସତରେ ଏ ଶେଷଦିନଟି ପାଇଁ ଆମେ ଯଦି ଏତେ ସଚେତନ ତେବେ ଏ ଦିନ ଆମ ଚେତନାରେ ନିତି ଆସୁ । ଅନ୍ତତଃ... ... ...

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ : ୮୨୪୯୪୫୦୦୫୦

# ଗପ ହେଲେ ବି ସତ



ଅମରନାଥ ବାରିକ୍

ଆମେମାନେ ସମସ୍ତେ ଜାଣିଛନ୍ତି ସୁଖ ଓ ଦୁଃଖକୁ ନେଇ ଜୀବନର ନାଟକ ଆରମ୍ଭ ହୋଇଥାଏ । କିଛି ଯନ୍ତ୍ରଣାକୁ ଭୁଲି ଯାଆନ୍ତି ତ କିଛି ଯନ୍ତ୍ରଣାକୁ ଛାତି ତଳେ ଚାପି ରଖନ୍ତି । ଆଉ କିଛି ସୃତି ଓ ଅନୁଭୂତି ହୋଇଯାଏ କିନ୍ତୁ ମୁଁ ଜଣେ ଏମିତି ମହିୟସୀ ମହିଳାଙ୍କ ବିଷୟରେ କହୁଛି ଯାହା କେଉଁ ଗ୍ରନ୍ଥ ଉପନ୍ୟାସରେ ନଥିବ ଏବଂ ତାଙ୍କ ପାଖରେ ସଂସାରର ସବୁ ଦୁଃଖ ହାର୍ ମାନିଛି ।

ସାତ ବର୍ଷ ଓ ପାଞ୍ଚ ବର୍ଷ ବୟସର ଦୁଇଟି ଅବୋଧ ଶିଶୁଙ୍କୁ ସମ୍ଭାଳିବା, ତାଙ୍କର ପିନ୍ଧିବା ନାଇବା ଖାଇବା ଏମିତି ଅଳି ଅର୍ଦ୍ଦଳି ସାମନା କରିବା ଓ ତା' ସହିତ ଘରଟା ଯାକର କାମଧନ୍ଦା ସବୁ ନିଜେ କରୁଥାଏ ଅରୁନ୍ଧତୀ ।

ଦୁଃଖ ସହି ନପାରି କେତେବେଳେ କେମିତି ପଡ଼ୋଶୀମାନେ ଆସି ସାହାଯ୍ୟ କରିଦିଅନ୍ତି । ନହେଲେ ଅରୁନ୍ଧତୀକୁ ସବୁ କରିବାକୁ ପଡ଼େ । ସୂର୍ଯ୍ୟଙ୍କ ଉଦୟ ହେବା ପୂର୍ବରୁ ଶେଯ ତ୍ୟାଗ କରି ଯାବତୀୟ କାମ ସାରିଥାଏ । ବେଳେବେଳେ ନିଜେ ଭୋକ ଓପାସରେ ରହି ଆଖିର ଲୁହକୁ ପିଇ ରାତି ବିତାଇ ଦିଏ ସିନା, ସେ ପିଲା ଦୁଇଟିଙ୍କୁ କିଛି ଦୁଃଖ ଜାଣିବାକୁ ଦିଏନି । ସେମାନେ ବା କ'ଣ ଜାଣନ୍ତି ଅଭାବ ଅନାଟନର ଅର୍ଥ ! ତାଙ୍କୁ ଯେମିତି ଯାହା ହେଉ ବାରିଘରରୁ ଶାଗ ମାରିଚ ଆଣି ଏଣୁ ତେଣୁ କରି ଖୁଆଇ ଦିଏ । ଗାଁକୁ କେହି ଜଣେ ଫେରିବାଲା ଆସିଲେ, ଗାଁ ପିଲାମାନେ ତାଙ୍କ ଘରୁ ପଇସା ଆଣି ଚୁଟୁରୁ ମୁଟୁରୁ ଖାଇଥାନ୍ତି । ସେତେବେଳେ ଏ ଦୁଇଟି ବାଳକ ଅଝଟ କରିଥାନ୍ତି ଅରୁନ୍ଧତୀ ପାଖରେ । ହେଲେ ଟଙ୍କେ ଆଠଣା ସବୁ ପୁରୁଣା ବାକ୍ସ ଆଟାଚି ଟିଣା ପର୍ଯ୍ୟନ୍ତ ଅଣ୍ଡାଳି ଥାଏ ଅରୁନ୍ଧତୀ । କାଳେ ବାପା ବୋଉ କିଛି ରଖି ଯାଇଥିବେ । ହେଲେ କିଛି ମିଳେନାହିଁ । ସେ ପିଲା ଦୁଇଙ୍କର ବିକଳ ମୁହଁକୁ ଚାହିଁ ଆଖିରୁ ଦୁଇ ଟୋପା ଲୁହ ଝରାଇ ଦିଏ ଅରୁନ୍ଧତୀ ।

ବାପାଙ୍କ ଯିବାର ଛଅ ମାସ ଭିତରେ ମା' ବି ଛାଡ଼ି ଚାଲି ଯାଇଥିଲେ ଆରପାରିକୁ । ମାତ୍ର ଏଗାର ବର୍ଷ ବୟସର କୁନି ଝିଅ ଅରୁନ୍ଧତୀ ଦୁଃଖର ବୋଝକୁ ମୁଣ୍ଡେଇ ଚାଲିଥିଲା । ତା'ର ଛୋଟ ଛୋଟ ଦୁଇ ଭାଇଙ୍କୁ ମଣିଷ କରିବା ପାଇଁ ଆପଣେଇ ନେଲା ଦୁଃଖକୁ । ସପ୍ତମ ଶ୍ରେଣୀରେ ପଢିବା ସମୟରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ତା'ର ପାଠ ପଢ଼ାରେ । ଦୁଇ ଭାଇଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଆରମ୍ଭ କରିଥିଲା ଛୋଟ ଏକ ବ୍ୟବସାୟ । ଗାଁ ଠାରୁ ଅଳ୍ପ କିଛି ଦୂରରେ ଥିଲା ଏକ ବଜାର । ସେଠାରୁ କିଛି ସଉଦା ବାକିରେ ଆଣି ବିକ୍ରିକରେ ଗାଁରେ । ସେଥିରୁ କିଛି ଲାଭ ରଖି ବାକି ପଇସା ସୁଝି ଦିଏ । ଏମିତି କରି ସେ ପରିବାର ସମ୍ଭାଳି ଥିଲା । ତା' ସଙ୍ଗେ ସଙ୍ଗେ ପିଲାମାନଙ୍କୁ ପାଠ ପଢ଼ାଇ ଉଚିତ୍ ମାର୍ଗ ଦେଖାଇ ଥିଲା । ତା'ର ଏମିତିକା ସ୍ୱଭାବ ଦେଖି ଗ୍ରାମବାସୀ ମାନେ ବଡ଼ ଆଦର କରୁଥିଲେ । ବଡ଼ ହେବା ପରେ ପରବର୍ତ୍ତୀ ସମୟରେ, ସେହି ଗାଁର ନିକଟବର୍ତ୍ତୀ ବସ୍ତିରୁ ଆସିଥିଲେ ଜଣେ ଧନି ଲୋକ ଅରୁନ୍ଧତୀକୁ ବୋହୂ କରି ନେବା ପାଇଁ । କାରଣ ତାଙ୍କୁ ଜଣା ଥିଲା ଯେ ଅରୁନ୍ଧତୀ ଜଣେ ଝିଅ ନୁହେଁ ସେ ହୀରାଟିଏ । କାହିଁକି ନା ଯାହା ସେ କରି ଦେଖାଇଛି ହୁଏ ତ କେଉଁ ମା' ଏମିତି କରି ପାରିବ ନାହିଁ । ମାଛିକୁ ମ ବୋଲି କେବେ କୁହେ ନାହିଁ । ଚିରା ଫଟା ଅଛି ନାହିଁରେ ଦିନ ବିତାଇ, ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ପାରିଛି । ଜୀବନର ପ୍ରକୃତ ଅର୍ଥ କ'ଣ ତାହା ଅରୁନ୍ଧତୀ ଜାଣିଛି । ଦୁଃଖ ଯନ୍ତ୍ରଣା କୋହକୁ ସାମନା କରିପାରିଛି । ଶେଷରେ ଶାଶୂଘରକୁ ଯାଇ ଏହା ପ୍ରମାଣିତ କରି ପାରିଛି କି 'ଦୁହିତା ଦୁଇ କୁଳକୁ ହିତା' ।

ସତରେ ଅରୁନ୍ଧତୀର ଏହି ଜୀବନ କାହାଣୀଟି କେଉଁ କାହାଣୀ କି ଗଳ୍ପ ନଥିଲା, ଥିଲା ଏକ ସତ୍ୟ ଘଟଣା, ଯାହାକୁ ଲୋକଲୋଚନକୁ ଆଣିବା କର୍ତ୍ତବ୍ୟ ଭାବିଲି ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫



# ଜୀବନସାଥୀ ଡଟ କମ



ସୁଧାଂଶୁ ଶେଖର ଦ୍ୱିବେଦୀ

ଚଷମା ଆଖି ଉପରେ କମ ନାକ ଉପରେ ଅଧିକ ପରିମାଣରେ ଥାଏ । ଅତଏବ ଏଥିରୁ ସଫାସଫା ଜଣାପଡୁଥାଏ ଭଦ୍ରବ୍ୟକ୍ତି ବେଶ ଉଚ୍ଚ ଶିକ୍ଷିତ ଓ ସମ୍ଭ୍ରାନ୍ତ । ସଡ଼କରେ ଗାଡି ଚଲେଇବା ବେଳେ ଧ୍ୟାନ ଯେମିତି ସବୁବେଳେ ସ୍ପୀଡ଼ ବ୍ରେକର ଉପରେ ଥାଏ ଠିକ ସେହିପରି ତାଙ୍କ କପାଳରେ ଚିନ୍ତା ରେଖାର ସ୍ପୀଡ଼ ବ୍ରେକର ଜଳଜଳ ଦେଖା ଯାଉଥାଏ । ତାମାନେ ସେ ବିବାହ ଦେବାପାଇଁ ପ୍ରସ୍ତୁତ ଜଣେ ଝିଅର ପିତା ଅଟନ୍ତି । ଗାଁ-ଗହଳିର ଝିଅମାନେ ଯେତେଶୀଘ୍ର ବିବାହ କରି ଯାଆନ୍ତି ସହରରେ ଥିବା ଉଚ୍ଚ ଶିକ୍ଷିତଙ୍କ ଝିଅମାନେ ପ୍ରୋଫାଇଲ ହୋଇ ଜୀବନସାଥୀ ଡଟ କମରେ ସେତେ ବିଳମ୍ବ ଯାଏ ଅପେକ୍ଷା କରନ୍ତି । ଝିଅ ପିତାଙ୍କ ମନରେ ଅମାପ ଅଭିଳାଷ ଏବଂ ପରଫେକ୍ଟ ନିଷ୍ଟ ଜ୍ୱାଇଁଟିଏ ପାଇବାର ଲୋଭ-ଏ ଦୁଇଟି ବିଷୟ ତାଙ୍କ ଭିତରେ ଖୁନ୍ଦି ହୋଇ ରହିଥାଏ ।

ବିନୀତ ପାଠପଢୁଆ ଉଚ୍ଚ ଶିକ୍ଷିତ ଯୁବକ । ମହାନଗର ଭଳି କଲକତା ସହରରେ ରହେ । ସହରର ଚାକଚକ୍ୟରେ ନିଜକୁ ଚମକାଇବାକୁ ପ୍ରୟାସ କରେ । ଧୀରେ ଧୀରେ ବୟସର ମପାମପି ସମୀକରଣରେ ନିଜକୁ ସ୍ୱାବଲମ୍ବୀଟିଏ ହୋଇ ଗଢିବାକୁ ମନରେ ଅସୁମାରୀ ସ୍ୱପ୍ନ ବୁଣେ । ହଠାତ ଦିନେ ଜୀବନସାଥୀ ଡଟ କମରୁ ତା' ନିକଟକୁ ଫୋନ ଆସିଲା । ଫୋନ କନ୍ୟା ପିତା କରିଥିଲେ । ଫୋନ ବି ଏମିତି ଥିଲା ଜୀବନ ଡଟଠାରୁ ବେଶୀ ଡାଉଟ ଏବଂ ସାଥୀ କମ ଠାରୁ ବେଶୀ ଉପାର୍ଜନକ୍ଷମ ହୋଇଥିବାର କାମନା । କାମନାର ଅନ୍ତ ନାହିଁ । ଯେତେ ପାଉଥିବ ସେତେ କାମନା ବଢୁଥିବ । ଝିଅର ପିତାଙ୍କୁ ସାଥୀ ବଦଳରେ ଉପାର୍ଜନକ୍ଷମ ହୋଇଥିବା ଜ୍ୱାଇଁ ମାତ୍ରାଧିକ ପସନ୍ଦ ଥାଏ । ସାଥୀଟିଏ ନିର୍ବାଚିତ କରିବାର ବିକଳ୍ପରେ ଝିଅର ଭବିଷ୍ୟତ ଜୀବନକୁ ନେଇ ପିତାଙ୍କ ମନରେ ବହୁତ ଡାଉଟ ଥାଏ । ସବୁକିଛି ମିଶାଇ ପିତା ଝିଅର ସୁନେଲି ଜୀବନ ଏବଂ ଅନୁପମ ସାଥୀର ସନ୍ଧାନରେ ଜୀବନସାଥୀ ଓ୍ୱେବ ସାଇଟରେ ନାକ ଘଷୁଥାନ୍ତି । ନାକ ଘଷିବାର ପରିଣାମ ଏହା ଯେ ଝିଅର ବୟସ ୩୦ ପାରି ହୋଇ ଗଲାଣି । ଝିଅର ୩୦ ବର୍ଷ ପାରି ହୋଇଯାଇଥିବା ପିତା ପସନ୍ଦ ଯୋଗ୍ୟ ଜ୍ୱାଇଁ ବାଛିବା ବଦଳରେ ନିର୍ଣ୍ଣୟ ମୋଡ଼ ହୋଇଯିବା ଆବଶ୍ୟକ । କିନ୍ତୁ ନା- ! ତାଙ୍କ ଆଶା-ଅଭିଳାଷ, ଲୋଭ-ମୋହ, କାମନା-ବାସନା ଦିନକୁ ଦିନ ଶିଖର ସ୍ପର୍ଶ କରୁଥାଏ ।

ସତକୁ ସତ ମନରେ ଭରିଥିବା ଇଚ୍ଛାଧାରୀଙ୍କ ନିମନ୍ତେ ଦିନେ ଅନ୍ୟ ଏକ ପ୍ରସ୍ତାବ ଆସିଲା । ନିର୍ବାଚିତ ଜ୍ୱାଇଁ ବହୁତ ଗୁଡିଏ ସମ୍ପତ୍ତିର ଏକାକୀ ଉତ୍ତରାଧିକାରୀ କିନ୍ତୁ ମୁଣ୍ଡରେ ବାଳ ନ ଥିବାରୁ ଚନ୍ଦା ମୁଣ୍ଡିଆ ଭାବେ ଖ୍ୟାତ । ମହାନଗର କଲକତାରେ ଦୁଇ ଚାରିଟା କୋଠା, ଦୋକାନ ଆଦି ଥାଏ । ଶରୀର କହିଲେ କମରର ମଝି ଅଂଶରେ ପିଜା-ବର୍ଗର ଭଳି ଗୋଲ ଗମ୍ବୁଜ ବାହାରିଥାଏ । ପାଣି ନାମରେ କୋକ ପିଏ । ଛେପ ନାମରେ କୋକ ଛେପ ପକାଏ । ଉପରେ ଥିବା ଆଗଦାନ୍ତ ଦିଇଟା ବାରାହା ଭଳି ବାହାରିଥାଏ । ଝିଅ ବୁଝିପାରୁ ନଥାଏ ଏଭଳି ପ୍ରସ୍ତାବକୁ ଜୋକ ଭାବି ହସିବ ନା ଶୋକ ଭାବି କାନ୍ଦିବ । ଝିଅର ହସ ଏବଂ କାନ୍ଦ ମଧ୍ୟରେ ମଉକା ଖୋଜି ପିତା ଏକ ଲମ୍ବା ଡିଆଁ ମାରିଦେଲେ । ଝିଅକୁ ପୁଅ ସହିତ ଏକାକୀ ବାର୍ତ୍ତାଳାପ, ମିଳାମିଶା କରିବାକୁ ପଘା ଫିଟାଇଦେଲେ । କେବଳ ସର୍ତ୍ତ ଏତିକି ଥାଏ ଝିଅ ପୁଅ ନିକଟରେ କିଛି ବି ଅଭିଯୋଗ କରିବ ନାହିଁ ।

ସେଇୟା ହେଲା, ଯାହା ହେବାର ଥିଲା । ସହଜେ ଝିଅ ପିତା ମାତାଙ୍କ ଆଜ୍ଞାକାରୀ । ପୁଅକୁ ଝିଅ ବହୁତ ପସନ୍ଦ ଥାଏ । କିନ୍ତୁ ଝିଅକୁ



ଆଦୌ ପସନ୍ଦ ନଥାଏ । ପିତାଙ୍କୁ ସେଥିପ୍ରତି କୌଣସି ଚିନ୍ତାଦକ ନାହିଁ । ମନ ଚାହିଁଥିବା ଜ୍ୱାଇଁଟିଏ ପାଇଛନ୍ତି । ସୁଯୋଗ ହାତଛଡ଼ା କଲେ ଝିଅ ଘରେ ବସି ବସି ବୁଢ଼ୀ ହେଇଯିବ । ଶେଷରେ ସେ ଝିଅକୁ ପାଖରେ ବସେଇ ତା' ମୁଣ୍ଡ ଚୂଳରେ ଆଙ୍ଗୁଳି ସାଉଁଳେଇ କହିଲେ ମା'ରେ.., ଏମିତି ବି ସମୟ ଥିଲା ବିବାହ ପାଇଁ ବରପାତ୍ରର କୁଳ-କୁଟୁମ୍ବଦେଖି କରା ହେଉଥିଲା । ପୁଅ ବାହା ହେଇଗଲେ ତା' ଦାୟିତ୍ୱ ସମ୍ଭାଳି ନେଉଥିଲା । କିନ୍ତୁ ଏବେ ବ୍ୟାଙ୍କ-ବାଲାନ୍ସ, କୋଠା-ଗାଡି ଦେଖି କରା ହେଉଛି । ଦୁଇ ଦିନର ଚମଡା ପାଇଁ ଚାରି ଦିନର ସମ୍ପତ୍ତିକୁ ଅସ୍ୱୀକାର କରିବା କଣ ଠିକ ହେବ ? ଜ୍ୱାଇଁର ଶିର-ଶରୀରକୁ ନ ଦେଖି ତା'ର ଧନ ସମ୍ପତ୍ତିକୁ ଦେଖିବା ଶିଖ । ସୁଖ ଚମଡ଼ାରେ ନୁହେଁ ଧନ ସମ୍ପତ୍ତିରେ ଥାଏ । ତୋତେ କାଳିଦାସକୁ ମହାପଣ୍ଡିତ କରିବାକୁ ହେବନି । ବାସ ! ଜୀବନସାଥୀକୁ ଏକସେପ୍ଟ କରିବାକୁ ହେବ । ନିଜେ ମେଟ୍ରିକ ପାଶ କିନ୍ତୁ ଚାକର ପୂଝାରି ପି.ଜି ପାଶ କରିଛନ୍ତି । ବେଶୀ ପଢିଲେ ବି କିଛି ଖାସ ହୁଏନାହିଁ । ଏବେ ଜ୍ଞାନ ତ ସଡ଼କରେ କଇଁ କଇଁ ହୋଇ କାନ୍ଦୁଛି । ଜ୍ଞାନୀମାନେ ଅଜ୍ଞାନୀଙ୍କ ପାଖେ ଚାକିରୀ କରିଛନ୍ତି । କୋଟିଏରେ କେତୋଟି ଶୂନ ଥାଏ ତାହା ପଢିବା, ପଢେଇବା କଥା କେବଳ । ସିନ୍ଧୁକରେ କେତେ ଟଙ୍କା ଅଛି ତାହା ହିଁ ଆମର ସମର୍ଥ ହେବା ଉଚିତ । ଝିଅ ଘର-ପରିବାର ସଂସ୍କାରରେ ଗୋଟା ପଣେ ବିବଶ ଥାଏ । ପିତାଙ୍କ କଥା ଅମାନ୍ୟ କରିବ କେମିତି ? ବିବାହ ଚାରି ବର୍ଷ ପୂରିଗଲାଣି । ଏଯାଏ ପିଲା-ଝିଲା କିଛି ହୋଇନି । ଭବିଷ୍ୟତ ଉତ୍ତରାଧିକାରୀର ରାସ୍ତା ଚାହିଁ ରହିଛନ୍ତି ଦୁହେଁ । ବାସ୍ତବିକ ଜୀବନସାଥୀ ଡଟ କମରେ ଯୋଡିଥିବା ଜୀବନରେ ଡାଉଟ ବେଶୀ ଏବଂ ସାଥୀପାଇଁ ଶାନ୍ତି କାକର ଭିଜା କୁହୁଡି ଭଳି..... ।

+ବିସି-୭୪ ,ସଲଟ ଲେକ,କଲକାତା-୬୪
ମୋ-୯୬୮୧୩୭୩୫୧୨

# ଘସିପୁରା ବସଷ୍ଟାଣ୍ଡ ଶୌଚାଳୟ ଭାଙ୍ଗିଲା: ହନ୍ତସନ୍ତ ହେଉଛନ୍ତି ଯାତ୍ରୀ ଓ ଦୋକାନୀ

ଘସିପୁରା ,୧୩/୧୧ (ନି.ପ୍ର): ଘସିପୁରା ବସଷ୍ଟାଣ୍ଡ ରେ ଶୌଚାଳୟ ଭାଙ୍ଗିଲା ପରେ ଯାତ୍ରୀ ଓ ଦୋକାନୀ ମାନେ ହନ୍ତସନ୍ତ ହେଉଛନ୍ତି । ଆନନ୍ଦପୁର ପୌର ପରିଷଦ ପକ୍ଷରୁ ନୂତନ ବସଷ୍ଟାଣ୍ଡ ନିର୍ମାଣପାଇଁ ଘସିପୁରା ବସଷ୍ଟାଣ୍ଡର ଦୋକାନୀ ମାନଙ୍କୁ ଉଚ୍ଛେଦ କରିଥିବାବେଳେ ୩ ତାରିଖ ଶୁକ୍ରବାର ଦିନ ଘସିପୁରା ବସଷ୍ଟାଣ୍ଡ ରେ ଥିବା ଶୌଚାଳୟ କୁ ମଧ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି ଦୀର୍ଘ ଦିନ ଧାରୀ ଜନସାଧାରଣ ଯାତ୍ରୀ ଓ ଦୋକାନୀ ମାନେଏହି ଶୌଚାଳୟ ଉପରେ ନିର୍ଭର କରୁଥିବା ବେଳେ ଏବେ ଏହି ଶୌଚାଳୟକୁ ଆନନ୍ଦପୁର ପୌର ପରିଷଦ ପକ୍ଷରୁ ନୂତନ ଘସିପୁରା ବସଷ୍ଟାଣ୍ଡ ନିର୍ମାଣ ହେବାକୁ ଭାଙ୍ଗିଦେଇଛି ଫଳରେ ଜନସାଧାରଣ ଯାତ୍ରୀ ଓ ଦୋକାନୀ ମାନେ ନାହିଁ ନଥିବା ହନ୍ତସନ୍ତ ହେଉଛନ୍ତି ଫଳରେ ନିକଟରେ ଥିବା ଦୋକାନୀ ଭାଇମାନେ ନଦୀ କୂଳକୁ ଶୌଚ ପାଇଁ ଯାଇ ଦୁର୍ଗନ୍ଧ ସୁଙ୍ଗିବାକୁ ବାଧ ହେଉଛନ୍ତି । ଏଥି ସହିତ ଶୌଚାଳୟ ନଥିବାରୁ ବସ ରୁ ମହିଳା ଯାତ୍ରୀ ମାନେ ପରିସ୍ରା ଯିବାପାଇଁ ହନ୍ତସନ୍ତ ହେଉଥିବା ଦେଖାଯାଉଛି । ଦୀର୍ଘ ଦିନ ହେଲା ଶୌଚାଳୟ ଥିବାରୁ ଯାତ୍ରୀ ମାନେ ଠିକ୍ ଭାବରେ ପରିସ୍ରା ର ସୁବିଧା ପାଉଥିଲେ ବର୍ତ୍ତମାନ ଶୌଚାଳୟ ଭାଙ୍ଗିଦେବାରୁ ଯାତ୍ରୀ ଓ ସାଧାରଣ ଜନତା ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ତୁରନ୍ତ ଘସିପୁର ବସଷ୍ଟାଣ୍ଡ ର ଅସ୍ଥାୟୀ ଶୌଚାଳୟ କରିବା ସହିତ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଘସିପୁର ବସଷ୍ଟାଣ୍ଡ ର ପିତାମ୍ବର ଯେନା, ସଂତୋଷ ପାତ୍ରଅଧିକାରୀ ସାହୁ,ଅରୁଣ ଅରୁଣ ସାହୁ, ଦୟାନିଧି ସାହୁ,ନବଘନ ଦାସ ଶୁକଦେବ ମହାରଣା,ଜିତେନ୍ଦ୍ର ସାହୁ,ପ୍ରଭାତ ପଣ୍ଡା, ଗଣନାଥ ପଣ୍ଡା, ସନାତନ ଦାଶ, ଅନନ୍ତ ଚରଣ ସାହୁ, କ୍ଷେତ୍ର ମୋହନ ରାଣା, ସିପକ କୁମାର ସାହୁ,ସୁମନ୍ତ ମହାପାତ୍ର, ମୁନା ଖାଁ, ରମେଶ ପଲେଇ, ଟୁଟୁ ଜେନା ପ୍ରମୁଖ ବ୍ୟବସାୟୀ ମାନେ ଦାବୀ ଜଣାଇଛନ୍ତି । ଏସମ୍ପର୍କ ରେ ଆନନ୍ଦପୁର ଉପଜିଲାପାଳ ଆଣିଲ କୁମାର ସେଠି ଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏହା ତୁରନ୍ତ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କୁ କହିଥିବା ପ୍ରକୈଶ କରିଛନ୍ତି ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୪୨୫୬ ମାମଲାର ଫଇସଲା

ଜୟପୁର ,୧୩/୧୧ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣର,କୋରାପୁଟ-ଜୟପୁର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ୱବଧାନରେ ଜାତୀୟ ଲୋକ ଅଦାଲତ ଜୟପୁର, କୋରାପୁଟ, ବରିଗୁମ୍ମା, କୋଟପାଡ, ଲକ୍ଷ୍ମୀପୁର, ଦଶମନ୍ତପୁର, ସେମିଳିଗୁଡା ର ସମସ୍ତ ଫୌଜଦାରୀ,ଦେବାନୀ ଅଦାଲତ ତଥା କୋରାପୁଟ ଜିଲ୍ଲାର ଉପଖଣ୍ଡ ଓ ତହସିଲ ମାନଙ୍କରେ ଅନୁଷ୍ଠିତ ହୋଇଯାଇ ଅଛି । ଜୟପୁର ରେ ହେଇଥିବା ଅଦାଲତରେ ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ୍ୟ ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର, ପରିବାର ଅଦାଲତ ବିଚାରପତି ଶ୍ରୀ ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲ୍ଲା ଜଜ ଇ.ବି ରାଓ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକରି ଶ୍ରୀ ଦିଲୀପ କୁମାର ସାହୁ, ବରିଷ୍ଠ ଦେବାନି ବିଚାରପତି ଶ୍ରୀମତୀ ମୁସରତ ଜାହିନ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀ ସୁମନ ଜେନା, ଉପଖଣ୍ଡ ଦଣ୍ଡାଧିକରି ଶ୍ରୀମତୀ ରେଖାରାଣୀ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକରି ଶ୍ରୀମତୀ ପଲ୍ଲବୀ ପ୍ରିୟଦର୍ଶାନୀ ପ୍ରମୁଖ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମୋକଦ୍ଦମା ଫୈଇସଲା କରିଥିଲେ ।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୪ ଗୋଟି ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାର ଫୈଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତି ପୂରଣ ବାବଦରେ ଆଦେଶ ଦେଇ ବାଦି ମାନଙ୍କୁ ୨୮୩୬୨୫୭ ଟଙ୍କା। କ୍ଷତି ପୂରଣ ଦେବା ପାଇଁ ଧାର୍ଯ୍ୟ କରଯାଇଥିଲା, ସେହିପରି ୪୮ ଗୋଟି ବ୍ୟାଙ୍କ ଋଣ ମାମଲାର ବିଚାର କରାଯାଇ ୨୮୩୬୨୫୭ ଟଙ୍କା, ୨୬ ଟି ଏନଆଇ ଆକ୍ଟ ମାମଲା ଫଇସଲା କରାଯାଇ ୧୦୨୪୦୮୨୮ ଟଙ୍କା ଧାର୍ଯ୍ୟ କରଯାଇଥିଲା ସେହିପରି ୩ ଟି ସାଲିସ ଯୋଗ୍ୟ ମାମଲା, ୩୭ ଗୋଟି ବୈବାହିକ ମାମଲା, ୫୧ ଗୋଟି ଅନ୍ୟାନ୍ୟ ଦେବନି ମାମଲା ଓ ୫୧ ଗୋଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ମଧ ଫଇସଲା ହେଇଥିଲା। ଏହା ସହିତ କୋରାପୁଟ ଜିଲ୍ଲାର ସମସ୍ତ ତହସିଲ ଦ୍ୱାରା ୩୯୨୧ ଟି ରାଜସ୍ୱ ମାମଲା ରେ ବିଚାର କରାଯାଇ ୧୦୨୬୪୩୪ ଟଙ୍କା ଆଦାୟ କରଯାଇଥିଲା। ଏତତ ବ୍ୟତୀତ ପ୍ରାକ ମାମଲା ଶ୍ରେଣୀ ରେ ୭୪ ଟି ବ୍ୟାଙ୍କ ଋଣ ମାମଲା ବିଚାର କରାଯାଇ ୪୪୯୪୯୦୦ ଟଙ୍କା, ୩ ଗୋଟି ଶ୍ରମ ମାମଲା ରେ ୧୨୬୮୦୦୧ ଟଙ୍କା ଓ ୧୮ ଗୋଟି ଅନ୍ୟାନ୍ୟ ପ୍ରାକ ମାମଲାର ଫଇସଲା କରାଯାଇଥିଲା । ଅଦାଲତ ବେଞ୍ଚ ମାନଙ୍କରେ ଆଇନଜୀବି ଶ୍ରୀ ଦାଶରଥି ପଟ୍ଟନାୟକ,ଶ୍ରୀ ଶାସନନ୍ଦ ମିଶ୍ର, ଶ୍ରୀ ଆନନ୍ଦ ରଥ, ଶ୍ରୀ ତ୍ରିନାଥ ସିଂହ ଲାଲ, ଶ୍ରୀମତୀ ରାଜିଆ ବେଗୁମ,ଶ୍ରୀ ସୁଧୀର ପାଢୀ, ମନୋଜମଳ ଦୀନବନ୍ଧୁ, ଗୁପ୍ତା ପ୍ରସାଦ ସାବତ, ଶ୍ରୀ ଚନ୍ଦନ ନାୟକ ପ୍ରମୁଖ ସୋହୋଯୋଗ କରିଥିଲେ। ଜୟପୁର ସମସ୍ତ କୋର୍ଟ କର୍ମଚାରୀ ଆଇନ ସେବା ପ୍ରାଧିକରଣ କର୍ମଚାରୀ ପ୍ରମୁଖ ଅଦାଲତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନରେ ସମ୍ପୂର୍ଣ୍ଣ ସୋହୋଯୋଗ କରିଥିଲେ।

# ମନ୍ଦିରରୁ କଳାକନା ବୁଲାଇଲେ ଦୃବୃର୍ତ୍ତ : ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତି ଚୋରି

ଧର୍ମଶାଳା,୧୩/୧୧ (ନି.ପ୍ର): ଯାଜପୁର ଜିଲାରେ ମନ୍ଦିର ମାନଙ୍କରେ ଚୋରି ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ହେଲେ ଦୃବୃତଙ୍କୁ ଠାବ କରିବା ଏବେ ଜରୁରୀ ହୋଇପଡିଛି । ଗତ କାଲି ବିଳମ୍ବିତ ରାତିରେ ମନ୍ଦିରରୁ କଳାକନା ବୁଲାଇ ଦୃବୃତମାନେ ବହୁ ମୂଲ୍ୟବାନ ମୂର୍ତ୍ତିରେ ଚୋରି କରି ନେଇ ଯାଇଥିବା ଜଣାପଡିଛି । ଯାହାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପାଟପୁର ପଂଚାୟତସ୍ଥ ବଳଦେବଜୀଉ ମନ୍ଦିରରୁ । ଗତ କାଲି ମନ୍ଦିରର ତାଲା ଭାଙ୍ଗି କେହି ଦୃବୃତ ୬ଗୋଟି ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଚୋରି କରି ନେଇ ଯାଇଥିବା ଜଣାପଡିଛି । ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ତଦନ୍ତ ଜାରି ରଖିଛି ।

ଅଭିଯୋଗ ମୁତାବକ , ଆଜି ସକାଳୁ ମନ୍ଦିରର ପୂଜକ ମନ୍ଦିର ଗେଟ ତାଲା ଭଙ୍ଗା ଯାଇଥିବା ପ୍ରଥମେ ଦେଖିବାକୁ ପାଇଥିଲେ । ଏବଂ ମନ୍ଦିର ଭିତର ଆସ୍ଥାନରେ ଥିବା ଅଷ୍ଟଧାତୁ ମୂର୍ତ୍ତି ସବୁ ଚୋରି ହୋଇ ଯାଇଥିବା ଜାଣିବାକୁ ପାଇଥିଲେ । ଏଥି ସହିତ ପୂଜା ପାଉଥିବା ରାମକୃଷ୍ଣ, ମଦନମୋହନ, ଦେବୀ ରାଧା ଲକ୍ଷ୍ମୀ, ସରସ୍ୱତୀ ଆଦି ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତିକୁ କେହି ଦୃବୃତ ଲୁଟି ନେଇଛନ୍ତି । ସଂଗେସଂଗେ ପୂଜକ ଏନେଇ ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ । ଏନେଇ ଧର୍ମଶାଳା ଥାନାରେ କମିଟି ପକ୍ଷରୁ ଏତଲା ଦିଆଯିବା ପରେ ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପଂହଚି ତଦନ୍ତ ଜାରି ରଖିଛନ୍ତି । ଚୋରି ହୋଇଥିବା ମୂର୍ତ୍ତି ଶହଶହ ବର୍ଷର ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଏକ କୋଟି ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଉଛି । ତେବେ ଏଭଳି ଘଟଣାକୁ ନେଇ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

## କେନ୍ଦ୍ରାପଡାରେ ବୁଲିଲା ଭୋଟର ସଚେତନତା ରଥ

କେନ୍ଦ୍ରାପଡ଼ା ,୧୩/୧୧ (ନି.ପ୍ର): କେନ୍ଦ୍ରାପଡାରେ ଭୋଟର ସଚେତନତା ରଥର ଶୁଭାରମ୍ଭ ହୋଇ ଯାଇଛି । ଶନିବାର ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା (ରାଜସ୍ୱ) ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ରଥଟି ଶନିବାର ଓ ରବିବାର ଓ ଚଳିତ ମାସର ଚତୁର୍ଥ ଶନିବାର ଓ ରବିବାର ଜିଲ୍ଲା ପରିକ୍ରମା କରି ନୂତନ ଭୋଟର ଙ୍କ ନାମ ପଞ୍ଜିକରଣ, ଭୋଟର ଲିଷ୍ଟରୁ ନାମ ବାଦ୍ ଦେବା ଏବଂ ସଂଶୋଧନ ଆଦି କରିବା ବିଷୟରେ ସଚେତନ କରିବ । ଏହି ୨ ଗୋଟି ରଥ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ୨ଟି ପୌରାଂଚଳ ବୁଲିବ ବୋଲି ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅନ୍ୟନ୍ୟା ତ୍ରିପାଠୀଙ୍କ ସହିତ ଦିବ୍ୟ ରଞ୍ଜନ ବେହେରା ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ସଚେତନତା କାର୍ଯ୍ୟକ୍ରମ ମାଧମରେ ୨୦୨୪ସୁଦ୍ଧା ଜିଲ୍ଲାକୁ ବାଲ୍ୟ ବିବାହମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରୟାସ

ଝାରସୁଗୁଡ଼ା ,୧୩/୧୧ (ନି.ପ୍ର): ବାଲ୍ୟ ବିବାହ ଏକ କୁ-ପ୍ରଥା , ଏହାକୁ ବନ୍ଦ କରିବା ପାଇଁ ବିଭିନ୍ନ ଜାତି ସମାଜ ମଧରେ ସଚେତନତା ଜରୁରୀ ବୋଲି ଜିଲ୍ଲାପାଳ ସରୋଜ କୁମାର ସାମଲ କହିଛନ୍ତି। ଏଥି ସକାଶେ ଏକ ସ୍ୱତନ୍ତ୍ର ଅଭିଯାନ ‘ବିଜୟିନୀ’ ଆରମ୍ଭ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସାମଲ ସୂଚନା ଦେଇଛନ୍ତି । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ଆୟୋଜିତ ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ଜାତି ଓ ସମାଜର ମୁଖ୍ୟମାନଙ୍କୁ ନେଇ ଆହୂତ ଏକ ବୈଠକରେ ଜିଲ୍ଲାପାଳ ଝିଅମାନଙ୍କୁ ଶିକ୍ଷିତ ଓ ସ୍ୱାବଲମ୍ବୀ କରିବା ପାଇଁ ଆହ୍ୱାନ ଦେବା ସହ ଜିଲ୍ଲାକୁ ବାଲ୍ୟ ବିବାହମୁକ୍ତ କରିବା ପାଇଁ ସବୁ ବର୍ଗର ଲୋକମାନଙ୍କର ସହଯୋଗ କାମନା କରିଛନ୍ତି ।

ଯେଉଁ ଜାତି ବା ସମାଜ ମଧରେ ବାଲ୍ୟ ବିବାହ ଭଳି କୁ- ପ୍ରଥାର ଚଳଣି ରହିଆସିଛି ସମ୍ପୃକ୍ତ ସମାଜ ଓ ଜାତିର ମୁଖ୍ୟମାନେ ସଚେତନ ହେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ‘ବିଜୟିନୀ’ ଅଭିଯାନ ଚଳିତ ନଭେମ୍ବର ମାସ୧୪ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହା ମାଧମରେ ଜିଲ୍ଲାରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନଙ୍କୁ ଏଥି ସକାଶେ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଥିବା ବେଳେ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀମାନଙ୍କୁ ସଚେତନ କରାଯାଇଛି। ବାଲ୍ୟ ବିବାହ ହେଉଥିବାର ସୂଚନା ପାଇଲେ ଗଠିତ ସ୍କ୍ୱାର୍ଡ ଚଢ଼ାଉ କରିବେ ବୋଲି ବୈଠକରେ ଆଲୋଚନା କରାଯାଇଛି । ଆବଶ୍ୟକ ସ୍ଥଳେ ବାଲ୍ୟ ବିବାହ କରାଉଥିବା ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯିବ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ପ୍ରବନ୍ଧକ ନିର୍ଦ୍ଦେଶକ ଆଲୋମଣୀ ସେଠି, ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ, ଡି ଏସ୍ ପି (ଡି ଆଇ ବି) ବନଶ୍ରୀ ରାଉତରାୟ ଓ ଡି ସି ପି ଓ ସୁନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ରହି ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ଆଲୋଚନା କରିବା ସହ ଏହି କୁ-ପ୍ରଥାର ବିଲୋପ ପାଇଁ ସଚେତନତା ସୃଷ୍ଟି ପାଇଁ ଆଲୋଚନା କରିଥିଲେ ।ଜିଲ୍ଲା ସଂଯୋଜିକା ( ବାଲ୍ୟ ବିବାହ) ରଞ୍ଜିତା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଜିଲ୍ଲା ପି ଓ ବୃନ୍ଦାବତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କୁଳତା, ଅଘରିଆ, ଗୋଣ୍ଡ, କିସାନ ଓ ଝରିଆ ଗୋପାଳ ଆଦି ବିଭିନ୍ନ ଜାତି ଓ ସମାଜ ମୁଖ୍ୟମାନଙ୍କୁଏହିଅବସରରେ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।

# ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ମାଲକାନଗିରି ,୧୩/୧୧ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧି କରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକ ରଣ ର ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧି କରଣ , ତାଲୁକ ଆଇନ ସେବା କମିଟି , ମୋଟୁ ଏବଂ ଜେ ଏମ ଏଫ ସି ,ମାଥିଲି , ଓ ଜେଏମଏଫସି କୁଡୁମୁଲୁ ଗୁମ୍ମା ଦ୍ୱାରା ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ମାଲକାନଗିରି ର ସମସ୍ତ ବିଚାରଳୟ ତଥା ମାଥି ଲି , ମୋଟୁ, କୁଡୁମୁଲୁ ଗୁମ୍ମା ଠାରେ ମଧ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଲୋକ ଅଦାଲତ ରେ ଅନ୍ୟ ମାନଙ୍କ ମଧରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧି କରଣ ର ଅଧକ୍ଷ ଅଜନ୍ତା ଷଡଙ୍ଗୀ , ଅତିରିକ୍ତ ଜିଲ୍ଲା ଜଜ ଉଦୟ ଭାନୁ ଜେନା , ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସତ୍ୟ ପ୍ରିୟ ଦାସ , ବରିଷ୍ଠ ଦେବନି ବିଚାରପତି ବିଜୟ କୁମାର ଦାସ , ଜିଲ୍ଲା ଆଇନ ସେବା ପ୍ରାଧି କରଣ ସଚିବ ତଥା ବରିଷ୍ଠ ଦେବନି ବିଚାରପତି ରାକେଶ କୁମାର ମୁଦୁଲି , ଉପଖଣ୍ଡ ଦଣ୍ଡାଧିକାରୀ ରୁଦ୍ର ପ୍ରକାଶ ନାୟକ , ମାଲକାନଗିରି ଠାରେ ହିତୀୟ ଶ୍ରେଣୀ ଦଣ୍ଡାଧିକାରି ଦେବେନ୍ଦ୍ରନାଥ ବାଘ , ମାଥିଲି ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି ସନ୍ତୋଷ କୁମାର ବାରିକ ,ମୋଟୁ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ପ୍ରବୀଣ କୁମାର ହୋତା । ପ୍ରଥମ ଶ୍ରେଣୀ ଦଣ୍ଡାଧିକରି କୁଡୁମୁଲଲୁ ଗୁମ୍ମା ସୁମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମା ର ଫଇସଲା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ମୋଟ ୨ ୭ ୯ ୨ ଗୋଟି ଫୌଜଦାରୀ , ଦେବାନୀ ଏବଂ ଅନ୍ୟାନ ମକଦ୍ଦମର ଫଇସଲା କରାଯାଇ ୬୨୧୩୪୦୯ / - ଟଙ୍କା ଆଦାୟ କରା ଯାଇଥିଲା ! ଏଥିରେ ୫ ଟି ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲା ର ଫଇସଲା କରାଯାଇ ୨ ୯ ୨ ୦୦୦୦ ଟଙ୍କା ଆଦାୟ କରଯାଇଥିଲା !,ଉକ୍ତ ଲୋକ ଅଦାଲତ ରେ ମାଲକାନଗିରି ଜିଲ୍ଲା ର ବିଭିନ୍ନ ବ୍ୟାଙ୍କ ଭାଗ ନେଇ ମୋଟ ୨ ୫ ଗୋଟି ବ୍ୟାଙ୍କ ଋଣ ମାମଲାର ପ୍ରାକ ମୋକଦ୍ଦମା ସ୍ତରରେ ସମାଧାନ କରାଯାଇ ୧ ୧୮ ୩ ୦୦୦ ଟଙ୍କା ଆଦାୟ କରାଯାଇଥିଲା । ଏହି ଲୋକ ଅଦାଲତ ରେ ଜିଲ୍ଲା କୋର୍ଟ , ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ସିଜେଏମ କୋର୍ଟ , ସବ ଜଜ କୋର୍ଟ , ଏସଡ଼ିଜେଏମ କୋର୍ଟ , ମୋଟୁ ଜେଏମଏଫସି କୋର୍ଟ , ମାଥିଲି ଜେଏମଏଫସି କୋର୍ଟ , କୁଡୁମୁଲୁ ଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧି କରଣ , ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି , ମୋଟୁ ର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁ ର ଓକିଲ ସଂଘ ର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ସାପର ଦାନ୍ତ ନେଲ କଟରରେ କାଟିବା ଭିଡ଼ିଓ ଭାଇରଲ : କାର୍ଯ୍ୟନୁଷ୍ଠାନ ଦାବି

ବଲାଙ୍ଗିର ,୧୩/୧୧ (ନି.ପ୍ର): ପୁଇଁନ୍ତଲା ଥାନା ବିଲେଇସର୍ଡାର ଜଣେ ଯୁବକ ଏକ ନାଗସାପକୁ ଧରି ଜୋର ଜବରଦସ୍ତ ତାର ଦାନ୍ତକୁ ଉପାଡୁଥିବା ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଦାନ୍ତ ଉପାଡୁଥିବା ବ୍ୟକ୍ତିଜଣକ ସେହି ଗାଁର ବୋଲି ଜଣାପଡିଛି । ତେବେ ସୋସିଆଲ ମିଡିଆରେ ଉକ୍ତ ଭିଡିଓ ଭାଇରାଲ ହେବାପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ନିୟମାନୁଯାୟୀ, ସାପକୁ ଉଦ୍ଧାର କଲାପରେ ବନ ବିଭାଗକୁ ହସ୍ତାନ୍ତର କରି ତାକୁ ସୁରକ୍ଷିତ ସ୍ଥାନରେ ଛଡାଯିବା କଥା । ହେଲେ ଯୁବକଜଣକ ସାପକୁ ଧରି ଏକ ଛୋଟ ନେଲ କଟରରେ ତାର ଦାନ୍ତକୁ ଉପାଡୁଥିବା ଦେଖିବାକୁ ମିଳିଛି । ତେବେ କେଉଁ ଉଦ୍ଦେଶ୍ୟରେ ସାପଟିକୁ ଏଭଳି ଅକଥନୀୟ ଯାତନା ଦିଆଯାଉଛି ତାହା ଜଣାପଡିନି । ବଲାଙ୍ଗିର ସ୍ନେକ ହେଲପ୍ ଲାଇନ୍ କାର୍ଯ୍ୟକର୍ତ୍ତା ମାନେ ଏହି ଘଟଣାକୁ ନିନ୍ଦା କରିଛନ୍ତି. ସାପ ର ଦାନ୍ତ ନେଲ କଟର ରେ କାଟିବା ଠିକ୍ ନୁହେଁ ବୋଲି କୁହାଯାଇଛି ।ବଲାଙ୍ଗିର ବନ ବିଭାଗ ରେଞ୍ଜ ଅଧିକାରୀ କେଶବ କୃଷ୍ଣ ନାୟକ କହିଛନ୍ତି ଯେ ଭାଇରେଲ ଭିଡ଼ିଓ ଟି ତାଙ୍କର ଦୃଷ୍ଟି ଗୋଚର ହୋଇଛି । ଏଦିଗରେ ଦୃଷ୍ଟିଦେଇ ନିର୍ଶ୍ଚିତଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଜାତୀୟ ଶିଶୁ ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

କେନ୍ଦ୍ରାପଡ଼ା ,୧୩/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟ ତରଫରୁ ଜାତୀୟ ଶିଶୁ ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍କୁଲରୁ ସପ୍ତମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀର ୫୨ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଜିଲ୍ଲା ଓ ଦୌରା ଜଜ ବିଶ୍ୱଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିଶୁ ଦିବସ ଉପଲକ୍ଷେ ପ୍ରକୃତି ଓ ଜୀବଜଗତ ଆଧାରିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଚାରକ ଭାବେ ରାଜେନ୍ଦ୍ର କୁମାର ଦାଶ, ହିମାଂଶୁ ଦାସ ଓ ଭଞ୍ଜ କିଶୋର ମହାରଣା ଯୋଗଦେଇ ମୂଲ୍ୟାୟନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ବିକାଶ ଚନ୍ଦ୍ର ଦେ, ଏଡିଜେ ଅଜୟ କୁମାର ପ୍ରଧାନ, ରେଜିଷ୍ଟାର ରମାଦେବୀ ସୋରେନ, ଜିଲ୍ଲା ଓକିଲ ସଂଘର ସଭାପତି ଧ୍ରୁବ ଚରଣ ଜେନା, ସଂପାଦକ ଜିତେନ୍ଦ୍ର ରାଉତଙ୍କ ସମେତ ବହୁ ଆଇନଜୀବି ମାନେ ଉପସ୍ଥିତ ଥିଲେ ।

# ଅମଲା ସଂଘ ଜୟପୁର ଉପଖଣ୍ଡର ମହା ସମାବେଶ ନେଇ ପ୍ରସ୍ତୁତି ବୈଠକ

ଜୟପୁର ,୧୩/୧୧ (ନି.ପ୍ର): ଓଡିଶା ଅମଲା ସଂଘ ର ଗୁରୁତ୍ୱପୂର୍ଣ୍ଣ ବୈଠକ କର୍ମଚାରୀ ଭବନ ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି ଶଶୀଭୂଷଣ ଦାଶ ଅମଲା ସଂଘ ସମ୍ପାଦକ କୋରାପୁଟ ଜିଲ୍ଲା ଶାଖା ର ଆହ୍ୱାନ କ୍ରମେ ଶତାଧିକ ଅମଲା ଭାଇ ଭଉଣୀ ମାନେ ଯୋଗଦାନ କରିଥିଲେ ଓ ଆଗାମୀ ପଦକ୍ଷେପ ବିଷୟରେ ଆଲୋଚନା କରିବା ସହିତ ନିଜ ନିଜର ମତବ୍ୟକ୍ତ କରିଥିଲେ ଉପସ୍ଥିତ ସଦସ୍ୟ ମାନଙ୍କ ମଧରେ କୋରାପୁଟ ଜିଲ୍ଲା ଅମଲା ସଂଘ କୋଷାଧକ୍ଷ ଶ୍ରୀ ସଞ୍ଜୟ କୁମାର ପଣ୍ଡା, ଜୟପୁର ଉପଖଣ୍ଡ ଅମଲା ସଂଘ ଉପସଭାପତି ବୃନ୍ଦାବନ ପଣ୍ଡା, ସଞ୍ଜୟ କୁମାର ରଥ, ସମ୍ପାଦକ ଦେବୀ ପ୍ରସାଦ ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ଶ୍ରୀଧର ହତା କାର୍ଯ୍ୟ ନିର୍ବାହୀ ସଦସ୍ୟ ଜୟନ୍ତ କୁମାର ସାହୁ ବିଭାଗୀୟ ଅଧିକାରୀ ପ୍ରଦିପ କୁମାର ଦାଶ୍ ସୁଦର୍ଶନ ସାହୁ, ସୁବାସ ଚନ୍ଦ୍ର ଆଚାରୀ ସମେତ ବହୁ ବରିଷ୍ଠ ସହାୟକ ଓ କନିଷ୍ଠ ସହାୟକ ଉପସ୍ଥିତ ରହିଥିଲେ. ରାଜ୍ୟ ଅମଲା ସଂଘ ର ପୂର୍ବ ନିର୍ଦ୍ଧାରଣ ଅନୁଯାୟୀ କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ଗ୍ରେଡ୍ ପେ ୪୨୦୦/- ଦାବିରେ ତା ୧୫.୧୧.୨୦୨୨ ରିଖ ଦିବା ୧ ଘଟିକା ରୁ ୨ ଘଟିକା ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳ କୋରାପୁଟ ଙ୍କ ଜରିଆରେ ପ୍ରଦାନ କରିବା ନିମନ୍ତେ ନିଷ୍ପତି ନିଆଯାଇଥିଲା ତାପରେ ଅମଲା ସଂଘ ର ଉପସ୍ଥିତ ସମସ୍ତ ଅମଲା ମାନେ ସମାନ କାମ ପାଇଁ ସମାନ ଦରମା ଦାବିର ପ୍ରତିବାଦ କରିଥିଲେ. ରାଜ୍ୟ ଅମଲା ସଂଘର ଡାକରାରେ ତା ୨୭.୧୧.୨୦୨୨ ରିଖ ଦିନ ଭୁବନେଶ୍ୱରଠାରେ ହେବାକୁ ଥିବା ମହା ସମାବେଶ ରେ ଯୋଗଦାନ କରିବା ନିମନ୍ତେ ପ୍ରତିଜ୍ଞା ବଦ୍ଧ ହୋଇଥିଲେ।

# କବି ଶ୍ରୀ ଗୋବର୍ଦ୍ଧନ ଦାସ ଜନ୍ମ ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର ,୧୩/୧୧ (ନି.ପ୍ର): ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ, ସର୍ବୋଦୟ ଓ ଭୂଦାନ ନେତା, ସମାଜସେବୀ, ସାହିତ୍ୟିକ, ନାଟ୍ୟକାର, କବିଶ୍ରୀ ଗୋବର୍ଦ୍ଧନ ଦାସଙ୍କ ଜନ୍ମ ଶତବାର୍ଷିକୀ ପାଳନ ନିମନ୍ତେ ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଜୟରାମ ମିଶ୍ର ଙ୍କ ଅଧକ୍ଷତାରେ କବିଶ୍ରୀ କଲ୍ପର୍ ଉଇଁଷା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ଡିସେମ୍ବର ତା-୧୯ ଓ ୨୦ ଦୁଇଦିନ ଧରି କବିଙ୍କ ସ୍ମୃତିପୀଠ କବିଶ୍ରୀ କଲ୍ପର୍ ଉଇଁଷା ଠାରେ ଅନୁଷ୍ଠିତ ହେବାକୁ ଥିବା ଆୟୋଜକ କମିଟି ରେ ସଭାପତି ବିଶିଷ୍ଟ ଆଇନଜୀବୀ ଜୟରାମ ମିଶ୍ର, ଉପସଭାପତି ବିଜୟ କୁମାର ପୁରୋହିତ ଓ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀକାନ୍ତ ମିଶ୍ର, ସଂପାଦକ ଗୁରୁ ଆଲୋକ ଦାସ, ଯୁଗ୍ମ ସଂପାଦକ ଇଂ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ଓ ମନୋଜ କୁମାର ମହାପାତ୍ର, କୋଷାଧକ୍ଷ ଆଗ୍ରହ ପ୍ରକାଶ ଦାସ ରହିଥିବାବେଳେ ଉପଦେଷ୍ଟା ମଣ୍ଡଳୀରେ ଗୁରୁ ଡ଼ ଘାସିରାମ ମିଶ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଡ଼ ଶ୍ରୀକର ମିଶ୍ର, ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ବୈଜ୍ଞାନିକ ଡ ପଦ୍ମନାଭ ପଧାନ, କ୍ଲାପର ସଭାପତି ଡ଼ ବିକାଶ ଦାସ, ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦ, ଶିଳ୍ପୀ ଅନ୍ତର୍ଯ୍ୟାମୀ ମେହେର, ଆଇନଜୀବୀ ଇନ୍ଦୁ ଭୂଷଣ ଠାକୁର, ସଂଚାର କଳାକାର କ୍ଷମାନିଧି ସାହୁ ଏବଂ ବାବାଜୀ ଚରଣ ବେହେରା ରହିଛନ୍ତି । ଅଭ୍ୟର୍ଥନା କମିଟୀରେ ହରୀନାରାୟଣ ପୂଜାରୀ ଅଧକ୍ଷ, ପ୍ରଭାକର ମିଶ୍ର, ଅବନୀ ଯୋଶୀ, ଓଁକାର ନାୟକ, ଜ୍ଞାନେନ୍ଦ୍ର ସାଏ, ଟଙ୍କଧର ଭୋଇ ଓ ରଘୁନନ୍ଦନ ସିଂ, ସ୍ମରଣିକା କମିଟି ଅଧାପକ ମୋହନ ସାହୁ, ଶଙ୍କର୍ଷଣ ପ୍ରଧାନ, ସେବାରାମ ମେହେର, ଶ୍ରୀ ଶିବ ପ୍ରସାଦ ସା, ନବକିଶୋର ବେହେରା, ଶ୍ରୀ ରାଜୀବ ଆଚାର୍ଯ୍ୟ ଓ ସାଂସ୍କୃତିକ କମିଟିରେ ଗୁରୁ କାଳୀ ପ୍ରସାଦ ଷଡ଼ଙ୍ଗୀ, ସୁରଞ୍ଜିତ ସାହାଣୀ, ଦିପ୍ତୀ ପ୍ରକାଶ ଦାସ, ଗୁରୁଦେବ ପର୍ଡିଆ, ନବଦ୍ୱିପ ଚାନ୍ଦ ବେହେରା, ଗୋବିନ୍ଦଚନ୍ଦ୍ର ହୋତା ରହିଛନ୍ତି। ଅନ୍ୟାନ୍ୟ କମିଟି ରେ ବିଭୂତି ଭୂଷଣ ସାଏ, ଦଇତାରୀ ଗୁରୁ, ଗୌରୀଶଙ୍କର ରାଉତ, ବିଶ୍ୱନାଥ ପୁରୋହିତ, ବସୁଦେବ ବିଶି, ଉମେଶ ଚନ୍ଦ୍ର ମଟାରୀ, କମଳଲୋଚନ ପ୍ରଧାନ, ମଦନ ପଧାନ, ପ୍ରଦୀପ ଦାସ, ଡମ୍ବରୁଧର ଦାସ, ସୁରେଶ କୁମାର ବେହେରା, ବିନାୟକ ହୋତା, ମିନକେତନ ପଧାନ, ମନୋଜ କୁମାର ବେହେରା, ନବିନ ନାଏକ, ବନମାଳୀ ସାହୁ, ବିକାଶ ପଧାନ, ପ୍ରଶାନ୍ତ ସାହୁ ରହିଛନ୍ତି । ଏହି ଜନ୍ମ ଶତବାର୍ଷିକୀ ଉତ୍ସବକୁ ରାଜ୍ୟସ୍ତରୀୟ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନିମନ୍ତ୍ରଣ କରାଯିବା ସହିତ କଳା ସାହିତ୍ୟ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ମାନୀତ କରାଯିବ ଏବଂ ବିଭିନ୍ନ ପ୍ରତିଯୋଗିତା, କବି ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ଏହି ବୈଠକରେ ସ୍ଥିର କରାଯାଇଛି ।

# ଗଞ୍ଜେଇ ମାମଲାରେ ଜଡିତ ଅଭିଯୁକ୍ତର ସମ୍ପତ୍ତି ବ୍ୟାଜ୍ୟାପ୍ତି- ଏସଡିପିଓ

ଜୟପୁର ,୧୩/୧୧ (ନି.ପ୍ର): ଗଞ୍ଜେଇ ଚାଲାଣ ରେ ଗିରଫ ଅଭିଯୁକ୍ତର ସମ୍ପତ୍ତି ବ୍ୟାଜ୍ୟାପ୍ତି କରାଯିବା ନେଇ ନିର୍ଦ୍ଦେଶ ଆସିଥିବା ବିଷୟ ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା ସୁଚନା ଦେଇଛନ୍ତି । ସୁଚନା ଅନୁଯାଇ ଜୟପୁର ସଦର ଥାନା ପୋଲିସ ଗତ ୨୦୨୧ ଜୁନ ୧୧ ତାରିଖରେ ଗଞ୍ଜେଇ ବୋଝେଇ ଟ୍ରକ ଚାଲାଣ ହେଉଥିବା ବେଳେ ଚଢାଉ କରିଥିଲା । ଚଢାଉ କରି ଅଭିଯୁକ୍ତ ପଞ୍ଜାବ ଲୁଧିୟାନାର କ୍ଷ୍ମୀନ୍ଦର ସିଂ, ଜସପାଲକୁ ଗିରଫ କରିଥିଲା । ଏମାନଙ୍କଠାରୁ ୧୨ ସହ ୭୭ କେଜି ଗଞ୍ଜେଇ ଜବତ କରି ୧୦୪/୨୧ର ମାମଲା ରୁଜୁ କରିଥିଲା । ଏହି ମାମଲାରେ ଜଣେ ଫେରାର ଥିଲା ଓ ପରବର୍ତ୍ତି ସମୟରେ ପୋଲିସ ଗିରଫ କରିଥିଲା । ସେ ହେଲା ଜୟପୁର ହାଇଦ୍ରାବାଦ ଲାଇନର ଆକବର ଏଲିୟସ ମୁରାଦ ଖାନ। ସେ ଏହି କାରବାର କରି ୧ କୋଟି ୩୦ ଲକ୍ଷ ଟଙ୍କା ଜମା କରିଥିଲା । ଯାହାର ଆୟର କିଛି ସ୍ରୋତ ନାହିଁ । ଯାହାକୁ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ଓ ଏସଡିପିଓ ଅରୁପ ଅଭିଷେକ ବେହେରା ମିଶି ଆର୍ଥିକ କାରବାର ର ତଦନ୍ତ କରିଥିଲେ । ଅଭିଯୁକ୍ତ ମୁରାଦ ଖାନ ଆଗରୁ ମାଛ ଓ ମାଂସ ବିକ୍ରୟ କରୁଥିଲେ । ଯାହାକି ସାଧାରଣ ଜୀବନ ବଞ୍ଚେଇବା କଷ୍ଟ କର ହୋଇପଡୁଥିଲା । ପରବର୍ତ୍ତି ସମୟରେ ୨୦୨୦ ମସିହାରେ ସେ ଗଞ୍ଜେଇ କାରବାର ରେ ଲିପ୍ତ ରହି ଟଙ୍କା ଠୁଳ କରିଥିଲା । ତେଣୁ ଏନଡିପିଏସ କୋଲକତାର କମ୍ପିଟେଣ୍ଟ ଅଥରଟି ସମସ୍ତ ସମ୍ପତ୍ତି ବ୍ୟାଜ୍ୟାପ୍ତି କରିବାକୁ ଦିଦ୍ଦେଷ ଦେଇଛନ୍ତି । ଅଭିଯୁକ୍ତ ର ଜମି ବାଡି, ବୁଲେଟ, ସ୍କୁଟି ଜୟପୁର ହାଇଦ୍ରାବାଦ ଲାଇନରେ ୩ ମହାଲ ବିଶିଷ୍ଟ କୋଠା ଥିବା ପୋଲିସ ତରଫରୁ ସୁଚନା ଦିଆଯାଇଛି ।

# 'ଓଡ଼ିଶା ଅସ୍ଥାୟୀ କର୍ମଚାରୀ ମିଳିତ ମଞ୍ଚ'ର ଏକ ଜରୁରୀ ବୈଠକ ଅନୁଷ୍ଠିତ




ଭୁବନେଶ୍ୱର, ୧୩/୧୧ (ନି.ପ୍ର): ୧୨.୧୧.୨୦୨୨ରିଖ ଶନିବାର ଦିବା ୧୧ ଘଟିକା ସମୟରେ ସ୍ଥାନୀୟ ୟୁନିଟ୍-୫ଠାରେ ଥିବା କର୍ମଚାରୀ ଭବନ ସଭାଗୃହରେ 'ଓଡ଼ିଶା ଅସ୍ଥାୟୀ କର୍ମଚାରୀ ମିଳିତ ମଞ୍ଚ'ର ଏକ ଜରୁରୀ ବୈଠକ ମିଳିତ ମଞ୍ଚର ସଭାପତି ଶ୍ରୀ ସୁରେନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମିଳିତ ମଞ୍ଚର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଓ ରାଜ୍ୟ ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଭାତ କୁମାର ତ୍ରିପାଠୀ, ମିଳିତ ମଞ୍ଚର ଉପଦେଷ୍ଟା ଶ୍ରୀ ସୁଧାଂଶୁ ଶେଖର ପତିଙ୍କ ସହ ଆବାହକ ମଣ୍ଡଳୀ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ଅଞ୍ଚଳ ମାନଙ୍କରେ କାର୍ଯ୍ୟ କରୁଥିବା ସଂଘ ମାନଙ୍କର ନେତୃମଣ୍ଡଳୀ ତଥା ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସରକାରଙ୍କ ଅଧିନରେ ତା ୧୨.୦୪.୧୯୯୩ରିଖ ପରେ ଥିବା ବିଭିନ୍ନ ବିଭାଗ ଓ ସମସ୍ତ ଉଦ୍ୟୋଗ, ମହାନଗର ନିଗମ, ମ୍ୟୁନିସିପାଲ୍‌ଟି, ଏନ୍.ଏ.ସି, ବୋର୍ଡ୍, ବିଶ୍ୱବିଦ୍ୟାଳୟ, ମେଡ଼ିକାଲ ମାନଙ୍କରେ ନିଯୁକ୍ତି ପାଇ ସିଧାସଳଖ ଏହି ବିଭାଗ ବା ସଂସ୍ଥାମାନଙ୍କ ଠାରୁ ଦରମା / ମଜୁରୀ ନେଇ ଡି.ଏଲ୍.ଆର, ଆଇଡ଼େଣ୍ଟିଫାଏଡ୍ ଡି.ଏଲ୍.ଆର, ଏଚ୍.ଆର, କାଜୁଆଲ ଲେବର ନାମରେ ନାମିତ ହୋଇ ଅବିଚ୍ଛିନ୍ନ ଭାବେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଥିବା ବିଭିନ୍ନ ବର୍ଗର ଅସ୍ଥାୟୀ କର୍ମଚାରୀ ମାନଙ୍କ ଏକମାତ୍ର ଦାବୀ "ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା" ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ତା ୧୨.୦୪.୧୯୯୩ ରିଖ ପରଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୯ ବର୍ଷରୁ ଉର୍ଦ୍ଧ ସମୟ ଧରି କାର୍ଯ୍ୟ କରି ଆସୁଥିବା ବିଭିନ୍ନ ବର୍ଗର ଅସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିନଥିବା ବେଳେ, ୨୦୧୩ ମସିହା ଠାରୁ ନିଯୁକ୍ତି ପାଇଥିବା ୫୭ ହଜାର କଣ୍ଟ୍ରାକ୍ଟୁଆଲ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଇଛନ୍ତି। ଏହା ସରକାରଙ୍କର କର୍ମଚାରୀ ମାନଙ୍କ ପ୍ରତି ପାତର ଅନ୍ତର ନୀତି ଓ କର୍ମଚାରୀମାରଣ ନୀତିକୁ ଦର୍ଶାଉ ନାହିଁକି ? ତା ୧୨.୦୪.୧୯୯୩ ରିଖ ପରେ ଥିବା ବିଭିନ୍ନ ବର୍ଗର କର୍ମଚାରୀମାନେ "ସମାନ କାମକୁ ସମାନ ଦରମା" ପାଇବା ତ ଦୂରର କଥା, ସ୍ଥାୟୀ ନହୋଇ ସରକାରଙ୍କ ପାଖରେ ବେଠି ଖଟି ଖଟି ଅବସର ନେବାକୁ ବାଧ ହେଉଛନ୍ତି। ଅସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା ଦାବୀକୁ ସାମୁହିକ ଭାବରେ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ରାଜ୍ୟର ସମସ୍ତ ବର୍ଗର ଅସ୍ଥାୟୀ କର୍ମଚାରୀମାନଙ୍କୁ ନେଇ "ଓଡ଼ିଶା ଅସ୍ଥାୟୀ କର୍ମଚାରୀ ମିଳିତ ମଞ୍ଚ" ନାମରେ ଗୋଟିଏ ମିଳିତ ମଞ୍ଚ ଅକ୍ଟୋବର ୨୨ ତାରିଖ ଦିନ ଗଠନ କରାଯାଇଥିଲା। ଏହି ମିଳିତ ମଞ୍ଚ ଗଠନ ଓ ଏହାର ଆଭିମୁଖ୍ୟ ସରକାରଙ୍କୁ ତା ୨୬.୧୦.୨୦୨୨ରିଖରେ ପତ୍ର ମାଧ୍ୟମରେ ସରକାରଙ୍କୁ ଅବଗତ କରାଯାଇଅଛି। ମିଳିତ ମଞ୍ଚ ପକ୍ଷରୁ ଆଉ ଏକ ଦାବୀ ଓ ସ୍ମାରକପତ୍ର ସରକାରଙ୍କୁ ଦିଆଯାଇ ଏକମାସ ମଧ୍ୟରେ 'ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା' ଦାବୀ ପୂରଣ କରିବା ପାଇଁ ଅନୁରୋଧ କରାଯିବ। ସରକାର ଯଦି ଏହା ଉପରେ କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆସନ୍ତା ଜାନୁୟାରୀ ମାସରେ ସାରା ରାଜ୍ୟର ଅସ୍ଥାୟୀ କର୍ମଚାରୀଙ୍କୁ 'ରାଜଧାନୀ ଚଲ' ଡ଼ାକରା ଦିଆଯାଇ ଭୁବନେଶ୍ୱରରେ ଏକ ମହାସମାବେଶର ଆୟୋଜନ କରାଯିବ। ଆବଶ୍ୟକ ପଡ଼ିଲେ ସରକାରଙ୍କୁ ଅସହଯୋଗ ମାଧ୍ୟମରେ 'କାର୍ଯ୍ୟବନ୍ଦ' ଭଳି ଚରମ ପଦକ୍ଷେପ ନିଆଯିବ। ଏହା ମଧ୍ୟରେ ମଞ୍ଚ ନେତୃମଣ୍ଡଳୀ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାକୁ ତୋଫାନୀ ଗସ୍ତ କରି ବିଭିନ୍ନ ସଂଘ ଓ ଅସ୍ଥାୟୀ କର୍ମଚାରୀ ମାନଙ୍କର ବୈଠକ କରି ଅସ୍ଥାୟୀ କର୍ମଚାରୀମାନଙ୍କ ପ୍ରତି ହେଉଥିବା ଶୋଷଣ ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# କବି ପ୍ରଫୁଲ୍ଲ କୁମାର ଜେନାଙ୍କ 'କାବ୍ୟ ସମ୍ଭାର' ଉନ୍ମୋଚିତ




ବାଲେଶ୍ୱର,୧୩/୧୧ (ନି.ପ୍ର): ରୂପ୍‌ସା ନିବାସୀ ଅବସରପ୍ରାପ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଶିକ୍ଷା ସଞ୍ଚାର ଅଧିକାରୀ କବି ଶ୍ରୀ ପ୍ରଫୁଲ୍ଲ କୁମାର ଜେନାଙ୍କ ତୃତୀୟ କବିତା ସଂକଳନ 'କାବ୍ୟ ସମ୍ଭାର' ଗତକାଲି ସ୍ଥାନୀୟ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘ ସଭାକକ୍ଷରେ ଉନ୍ମୋଚିତ ହୋଇଯାଇଛି। ବିଶ୍ୱ ମାନବ ଧର୍ମ ସୁରକ୍ଷା ପରିବାରର ପ୍ରଧାନ ସେବକ କବି ଶିଶିର କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉନ୍ମୋଚନ ଉତ୍ସବରେ ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ରାଜ୍ୟ ସରକରୀ କର୍ମଚାରୀ ସଂଘର ପୂର୍ବତନ ସଭାପତି ଶ୍ରୀ ଧୀରେନ୍ଦ୍ର ନାରାୟଣ ଦାସ, ମୁଖ୍ୟଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପ୍ରାଧ୍ୟାପକ ଡ. ଶିରୀଶ ଚନ୍ଦ୍ର ଜେନା, ମୁଖବକ୍ତା ଭାବେ ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ମୁଖ୍ୟ ତଥା ବିଶିଷ୍ଟ ପ୍ରାବନ୍ଧିକ ଓ ଗବେଷକ ପ୍ରାଧ୍ୟାପକ ଡ. ମନ୍ମଥ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଭାପତି ଶ୍ରୀ ବନମାଳୀ ନାୟକ, ଭାରତୀୟ ଜୀବନବୀମା ନିଗମର ଅବସରପ୍ରାପ୍ତ ଅଧିକାରୀ ତଥା ସୁଲେଖକ ଡ. ଅଶ୍ୱିନୀ କୁମାର ଶତପଥୀ, ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ପ୍ରାବନ୍ଧିକ ତଥା ଗବେଷକ ଡ. ଭାଗବତ ପ୍ରସାଦ ଦାସ, ସାମାଜିକ ଅନୁଷ୍ଠାନ 'ସହାୟକ'ର ସଭାପତି ତଥା ଲେଖକ ଇଂ. ସୁରେନ୍ଦ୍ର ନାଥ ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ.ସଂଜୀବ କୁମାର ପ୍ରଧାନ ଯୋଗଦେଇ ପୁସ୍ତକ ଓ ଏହାର ସ୍ରଷ୍ଟାଙ୍କ ସମ୍ବନ୍ଧରେ ସବିଶେଷ ବକ୍ତବ୍ୟ ରଖିଥିଲେ। ଏତଦ୍‌ଭିନ୍ନ ସୁ-ସାହିତ୍ୟିକ ଓ ସମାଲୋଚକ ଡ. ରାଧାରଂଜନ ପଟ୍ଟନାୟକ ସମୀକ୍ଷକ ଭାବେ ଯୋଗଦେଇ ପୁସ୍ତକରେ ସ୍ଥାନିତ ପ୍ରତିଟି କବିତାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ କବି ଶ୍ରୀ ଜେନାଙ୍କର ଭୂୟସୀ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ କବି ପଦ୍ମଲୋଚନ ପ୍ରଧାନ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିଲେ ଏବଂ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ଶ୍ରୀ ବସନ୍ତ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଉକ୍ତ ସାରସ୍ୱତ ଉତ୍ସବରେ ବହୁ ବିଜ୍ଞ-ପ୍ରାଜ୍ଞ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ରାଇରଙ୍ଗପୁର ଠାରେ ଜିଲ୍ଲାପାଳଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ




ରାଇରଙ୍ଗପୁର, ୧୩/୧୧: ଆଜି ରାଇରଙ୍ଗପୁର ପୌରପାଳିକା ତରଫରୁ ନିର୍ମିତ ବିଭିନ୍ନ ଜନ କଲ୍ୟାଣକାରୀ ପ୍ରକଳ୍ପ ଗୁଡିକ ମୟୁରଭଂଜ ଜିଲ୍ଲାପାଳଙ୍କ କରକମଳରେ ଶୁଭ ଉଦଘାଟିତ ହୋଇଯାଇଛି । ଉକ୍ତ ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ପୌରପାଳିକା ଅନ୍ତର୍ଗତ ପୁରୁଣାଘାଟି ଠାରେ ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ବସ ଷ୍ଟାଣ୍ଡ ନିକଟ ରେ ୨୨ ଗୋଟି ଦୋକାନ ଗୃହବିଶିଷ୍ଟ ଭେଣ୍ଡିଂ ଜୋନ, ୫କକ୍ଷ ବିଶିଷ୍ଟ ଯାତ୍ରୀ ନିବାସ, 'ପ୍ରୟାସ ନାମରେ ଏକ ଗୁଡ଼ ଉଇଲ ବଜ୍ଜାର, ସତୀକୁଦର ଏବଂ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନା ରେ ନିର୍ମିତ ୨ଗୋଟି ମିନି ପାର୍କ ସମେତ ସରକାରୀ ଉଚ୍ଚ ବାଳିକା ରାସ୍ତା ପାର୍ଶ୍ୱରେ ମୁକ୍ତ ଆକାଶ ବ୍ୟାୟମ ଓ ଜିମ କେନ୍ଦ୍ରକୁ ଜିଲ୍ଲାପାଳ ଜନସାଧାରଣଙ୍କ ଉଦେଶ୍ୟରେ ଲୋକାର୍ପଣ କରିଛନ୍ତି । ଅନୁଷ୍ଠିତ ଉକ୍ତ ଉଦଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୁପଭାନୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶ, ପୌରପାଳିକା ଅଧକ୍ଷ ଅଭିଷେକ ପଟ୍ଟନାୟକ, ଉପାଧକ୍ଷା ମମିତା ଚୌଧୁରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ଶତପଥି ଏବଂ ପୌରପାଳିକାର ସମସ୍ତ କାଉନସିଲର ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ମନ୍ତ୍ରୀ ଅଖିଳ ଗିରିଙ୍କ ଗିରଫ ଦାବି ନେଇ ଉଦଳା ଥାନାରେ ଏତେଲା



ଉଦଳା-ତା.୧୩/୧୧ (ନି.ପ୍ର)- ଦେଶର ପ୍ରଥମ ନାଗରିକ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ପଶ୍ଚିମବଙ୍ଗ ସରକାରଙ୍କ ମନ୍ତ୍ରୀ ଅଖିଳ ଗିରି ଆଶାଳୀନ ମନ୍ତବ୍ୟ ଦେଇଥିବାରୁ ଏଥିରେ ଭାରତୀୟ ଜନତା ପାର୍ଟି ଉଦଳା ଶାଖା ତରଫରୁ ପ୍ରତିକ୍ରୀୟା ପ୍ରକାଶ ପାଇଛି । ଏ ବାବଦରେ ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଡ଼େଇଙ୍କ ନେତୃତ୍ୱରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ବରିଷ୍ଠ ନେତା କମଳ ଧଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି, ଉଦଳା ନଗର ସଭାପତି ଧିରେନ୍ଦ୍ର ଖଣ୍ଡେଲୱାଲ, ସୀମାନ୍ତ ତ୍ରିପାଠୀ, ଯୁବମୋର୍ଚ୍ଚା ଜିଲ୍ଲା ସଂପାଦକ ପ୍ରାଚ୍ୟ ସୁମନ ମହାନ୍ତି, ଲକ୍ଷ୍ମଣ ମହାପାତ୍ର, ଜିତେନ ଦତ୍ତ, ଅବିନାଶ ଶାହା, ଆଦର୍ଶ ଜେନା ପ୍ରମୁଖ ଉଦଳା ଥାନାରେ ଏତେଲା ଦାୟର କରିବା ସହ ମନ୍ତ୍ରୀ ଅଖିଳ ଗିରିଙ୍କୁ ବହିଷ୍କାର ଓ ଗିରଫ କରିବାକୁ ଦାବୀ ଜଣାଇଛନ୍ତି ।

# ଆଜିର ସମ୍ବାଦ କାଲିର ସାହିତ୍ୟ ଓ କାଲିର ସାହିତ୍ୟ ତହିଁପରଦିନ ଇତିହାସରେ ପରିଣତ ହୁଏ : ଡ଼କ୍ଟର ଶାନ୍ତ ସୁନ୍ଦର ଆଚାର୍ଯ୍ୟ



ଉଦଳା-ତା.୧୩/୧୧ (ନି.ପ୍ର)- ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମହାବିଦ୍ୟାଳୟର ଅଧକ୍ଷା ତଥା ବିଭାଗୀୟ ମୁଖ୍ୟ ଡ଼କ୍ଟର ଲିପିକା ବେହେରା ଉକ୍ତ ଉତ୍ସବରେ ଅଧକ୍ଷତା କରି ଆମ ଇତିହାସକୁ ନେଇ ଆମେ କିପରି ଗର୍ବ ଅନୁଭବ କରୁ ଓ ଇତିହାସ ଆମ ଚଲାପଥରେ କିପରି ସହଯୋଗୀ ହୋଇଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷା ବିଭାଗ ମୁଖ୍ୟ ଡ଼କ୍ଟର ଶାନ୍ତ ସୁନ୍ଦର ଆଚାର୍ଯ୍ୟ ଆଜିର ସମ୍ବାଦ କାଲିର ସାହିତ୍ୟ ଓ କାଲିର ସାହିତ୍ୟ ତହିଁ ପରଦିନ ଇତିହାସରେ ପଣିଣତ ହୁଏ ବୋଲି ବ୍ୟକ୍ତ କରିଥିଲେ । ବିଭାଗୀୟ ଅଧ୍ୟାପକ ସୟ କୁମାର ସେନାପତି ଓ ବିଭୁ ରଂଜନ ବିଶ୍ୱାଳ, ରାଜନୀତି ବିଜ୍ଞାନର ଅଧ୍ୟାପକ ଲମ୍ବୋଦର ବାରିକ ସଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ନିହାର ରଂଜନ ଦାସ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଗତ ବର୍ଷ ବିଭାଗର ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ସୌମ୍ୟାଶ୍ରୀ ନାୟକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ବିଗତ ବର୍ଷର ଛାତ୍ର ଛାତ୍ରୀ ମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିର୍ମମ ହତ୍ୟା : ଜଣେ ଗିରଫ

ଖୋର୍ଦ୍ଧା,୧୩/୧୧ (ନି.ପ୍ର): ଗତ ନଭେମ୍ବର ମାସ ୧୧ ତାରିଖ ଅବସପ୍ରାପ୍ତ ଶିକ୍ଷକ ବୃଦ୍ଧ ରବିନ୍ଦ୍ର ବଳିୟାରସିଂହ ୭୦ ବର୍ଷ, ଦେଶ ସରଧାପୁର, ଖୋର୍ଦ୍ଧା ଜିଲ୍ଲା, ଖୋର୍ଦ୍ଧା ବ୍ଲକ, ନିର୍ମମ, ବିଭତ୍ସ, ହତ୍ୟାକାଣ୍ଡ ପଛରେ କାହାର ହାତ, କେଉଁମାନେ ଉସକାଇ ଥିବା ଯୋଗୁ ହୋଇଛି। ଖୋର୍ଦ୍ଧା ପୋଲିସ ତାଙ୍କୁ ଥରିବା ପାଇଁ ଉକ୍ତ ଗ୍ରାମବାସୀ ଓ ଖୋର୍ଦ୍ଧା ବୁଦ୍ଧି ଯିବି ଅବସପ୍ରାପ୍ତ ଶିକ୍ଷକ ଓ ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ଖୋର୍ଦ୍ଧା ଜିଲ୍ଲା, ଖୋର୍ଦ୍ଧା ବ୍ଲକ୍, ପୋଲିସ ଆରକ୍ଷୀଙ୍କୁ ଅନୁରୋଧ କରିଛନ୍ତି। ନିରୀହ ବୃଦ୍ଧ ଅବସର ପ୍ରାପ୍ତ ଶିକ୍ଷକ ମୃତ ରବିନ୍ଦ୍ର ପରୀ ସବୁ ଗ୍ରାମ ସହର ବରିଷ୍ଠ ନାଗରିକ ନିଜକୁ ସୁରକ୍ଷିତ ମନେ କରୁନାହାଁନ୍ତି। କିଏ ଦୋଷ କଲା, କିଏ ମଲା, ଏହା ଏକ ପ୍ରଶ୍ନ ଓଡ଼ିଶା ଓ ଖୋର୍ଦ୍ଧା ପୋଲିସ ପାଇଁ ବଡ ପ୍ରଶ୍ନ! ପ୍ରକାଶ ଥାଉକି ଗତ ପଞ୍ଚାୟତ ନିର୍ବାଚନଠାରୁ ଏହି ପଞ୍ଚାୟେତରେ ଦୁଇ ଗୋଷ୍ଠି ଶୀତଳ ଯୁଦ୍ଧ ବାତାବରଣ ଲାଗିଥିଲା। ବଡ ଗୋଷ୍ଠି ଦେଶ ସରଧାପୁର ଗ୍ରାମ ବରାଳ, ସୁନ୍ଦରାୟଙ୍କ ଭୟରେ ଛୋଟ ଗୋଷ୍ଠି ବଳୀୟାସିଂ, ଅନ୍ୟ ମାନେ ଭୟଭୀତ ଥିଲେ। କାରଣ ବଡଦଳ କହିବା ଦଳକୁ ଭୋଟ ନ ଦେବା ହେତୁ ଶତ୍ରୁ ଥିଲେ। ଏହି ଯୋଗୁ ସରକାରୀ ଜାଗା ସର୍ବସାଧାରଣ ରାସ୍ତା ଉପରେ ବରାଳ ବଂସ ଓ ତାଙ୍କ ସମର୍ଦ୍ଧକ ସୁନ୍ଦରାୟ ବଂଶ ଏକ ଘର କରୁଥିଲେ। ଏହି ପାଇଁ ଏହି ଛୋଟ ଗୋଷ୍ଠି ଖୋର୍ଦ୍ଧା ତହସିଲଦାର ଓ ରାଜସ୍ୱନିରୀକ୍ଷକଙ୍କ ଦ୍ୱାରସ୍ଥ ହୋଇ ଥିଲେ ବୋଲି ମୃତ ପରିବାର ତାଙ୍କ ଝିଅ, ବୋହୂଠାରୁ ପ୍ରକାଶ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କିଏ ହେବେ ବିଜେଡିର...

ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଥିଲା । ସେପଟେ ଜିଲ୍ଲା ଗଠନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ସହ ସକାରତ୍ମକ ଆଲୋଚାନ ହୋଇଥିବା ନେଇ ବିଜେଡିର ପ୍ରେସ୍ ରିଲିଜ୍ ଉପରେ ଆପତ୍ତି ଉଠାଇଥିଲା କ୍ରିୟାନୁଷ୍ଠାନ କମିଟି । କମିଟି ସ୍ପଷ୍ଟ କରିଛି ଯେ, ମୁଖ୍ୟମନ୍ତ୍ରୀଙ୍କ ସହ ସେମାନଙ୍କର କୌଣସି ଆଲୋଚନା ହୋଇନି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ତେବେ ମୁଖ୍ୟମନ୍ତ୍ରୀଙ୍କଠାରୁ ଚିଠି ଆସିଲେ କମିଟି ଯାଇ ଆଲୋଚାନ କରିବେ ବୋଲି କୁହାଯାଇଛି । ସେପଟେ ଇନ୍ ?ପୁଟ ସବସିଡି, ବୀମା ରାଶି ପଇଠ ଓ ମଣ୍ଡି ସମସ୍ୟା ସମାଧାନ ନହେଲେ ଭୋଟ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି ଚାଷୀ । ଯାହାକୁ ନେଇ ତେଜିଛି ରାଜନୀତି । ବିଜେଡି ଯଦିଓ ଏଯାଏଁ ପ୍ରାର୍ଥୀ ଘୋଷଣା କରିନାହିଁ କିନ୍ତୁ ୧୬ ତାରିଖରେ ପ୍ରାର୍ଥିପତ୍ର ଦାଖଲ ହେବ ବୋଲି ଘୋଷଣା କରିଛି । ସେପଟେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ଆସନ୍ତାକାଲି ପ୍ରାର୍ଥିପତ୍ର ଦାଖଲ କରିବେ । ଏହାରି ଭିତରେ ଆଜି ପୂଜାପାଠ ମଧ୍ୟରେ ବରଗଡ଼ ପାଇକମାଲରେ ବିଜେପିର ଏକ ନୂଆ ଅଫିସ୍ ଉଦ୍ ?ଘାଟିତ ହୋଇଛି ।

## ପାକିସ୍ତାନକୁ ହରାଇ ...

ଦଳ ପକ୍ଷରୁ ବାବର ଆଜମ ୩୨ ରନ କରିଥିଲା ବେଳେ ମାସୁଦ ୩୮ ରନ କରିଥିଲେ । ୧୩୮ ରନର ବିଜୟ ଲକ୍ଷ୍ୟ ନେଇ ମୈଦାନକୁ ଓହ୍ଲାଇଥିବା ଇଂଲଣ୍ଡର ମଧ୍ୟ ୱିକେଟ ପତନ ଘଟିଥିଲା । ହେଲେ ବେନ ଷ୍ଟୋକ୍ସ ଶେଷ ଯାଏଁ ରହି ଦଳକୁ ବିଜୟୀ କରାଇଥିଲେ । ଦଳ ପକ୍ଷରୁ ବଟଲର ୨୬, ଷ୍ଟୋକ୍ସ ୫୨ ରନ କରିଥିଲେ । ଫଳରେ ଦଳ ୧୯ ଓଭର ସୁଦ୍ଧା ବିଜୟ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଥିଲା । ଆଉ ୨୦୧୦ ପରେ ଦ୍ୱିତୀୟ ଥର ବିଶ୍ୱ ଚାମ୍ପିୟନ ହୋଇପାରିଛି ।

## ମାଓବାଦୀ କହି ଦିନ ମଜୁରିଆକୁ...

ମାଲକାନଗିରି-ଜୟପୁର ୩୨୬ ନମ୍ବର ରାଜପଥକୁ ଅବରୋଧ କରି ମୃତକଙ୍କ ପରିବାରକୁ ନ୍ୟାୟ ଦେବା ଲାଗି ଦାବି କରିଛନ୍ତି । ଧନ କମାରଙ୍କ ମୃତଦେହ ହସ୍ତାନ୍ତର କରିବା ସହ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅଡି ବସିଛନ୍ତି । ମାଲକାନଗିରି ପୁଲିସ, ପ୍ରଶାସନିକ ଅଧିକାରୀ ଲୋକଙ୍କୁ ବୁଝାଇବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି । ଏହି ଅଂଚଳରେ ପୂର୍ବରୁ ମଧ୍ୟ ଫେକ୍ ଏନକାଉଂଟର ଅଭିଯୋଗ ହୋଇଛି । ବୈପାରିଗୁଡ଼ା ବ୍ଲକ ଘୋଡ଼ାବେଡ଼ା ଗାଁରେ ଜଣେ ନିରୀହ ଆଦିବାସୀ ପୁଲିସ ଗୁଳିରେ ପ୍ରାଣ ହରାଇଥିଲେ । ମାଲକାନଗିରି ପାପୁଲର ଓର୍କେଲରେ ମଧ୍ୟ ପୁଲିସ ଗୁଳିରେ ପ୍ରାଣ ହରାଇଥିଲେ । ପୁଣିଥରେ ମାଓବାଦୀ ନାଁରେ ପୁଲିସ ଫେକ୍ ଏନକାଉଂଟର କରିଥିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକେ । କୋରାପୁଟ ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଜଙ୍ଗଲରେ ଏସଓଜିର କୁମ୍ବିଂ ଅପରେସନ ବେଳେ ୨ ଜଣ ମାଓବାଦୀ ମୃତ ବୋଲି ପ୍ରେସମିଟ୍ କରି କହିଥିଲେ ଦକ୍ଷିଣ-ପଶ୍ଚିମାଂଚଳ ଡିଆଇଜି ରାଜେଶ ପଣ୍ଡିତ । ଘଟଣାସ୍ଥଳରୁ ଗୁଳି, ବନ୍ଧୁକ, ବୋମା, ଡିଟୋନେଟର ଆଦି ଜବତ କରାଯାଇଥିବା କହିଥିଲା ପୁଲିସ । ଗାଁ ଲୋକଙ୍କ ଅଭିଯୋଗ ପରେ ପୂରା ମାମଲା ବଦଳି ଯାଇଛି । ଏ ନେଇ ପୁଲିସ କର୍ତ୍ତୃପକ୍ଷ କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି ।

## ମୋବାଇଲ ଭିତରେ ଅଛି କି ...

ଇଡି ଅଫିସରେ ହାଜର ହେବା ପରେ ଏକ୍ସପର୍ଟଙ୍କ ମାଧ୍ୟମରେ ସୁରେନ୍ଦ୍ରଙ୍କ ସମ୍ମୁଖରେ ସିଲ ହୋଇଥିବା ମୋବାଇଲକୁ ଖୋଲାଯାଇ ଏକସଟ୍ରାକସନ କରାଯାଇଛି । କେବଳ ସୁରେନ୍ଦ୍ର ନାଗଙ୍କ ଫୋନ ନୁହେଁ ବରଂ ଜବତ ହୋଇଥିବା ସମସ୍ତ ମୋବାଇଲର ଏକସଟ୍ରାସନ କରାଯିବ । ଆସନ୍ତାଦିନରେ ମୋବାଇଲର ମାଲିକାନା ଥିବା ବ୍ୟକ୍ତିବିଶେଷ ଇଡିରେ ହାଜର ହେବା ପରେ ତାଙ୍କ ସମ୍ମୁଖରେ ମୋବାଇଲ ସିଲ ଖୋଲାଯାଇ ପ୍ରକ୍ରିୟା ଆରମ୍ଭ କରାଯିବ ଏବଂ ଯିବା ସମୟରେ ପୁଣି ଥରେ ମୋବାଇଲକୁ ସିଲ କରିଦିଆଯିବ । ଖଗେଶ୍ୱରକୁ ତିନିଦିନ ରିମାଣ୍ଡ ଭିତରେ ଶତାଧିକ ପ୍ରଶ୍ନ ପଚାରି ଏକାଧିକ ଲୋକଙ୍କ ତାଲିକା ପ୍ରସ୍ତୁତ କରିଛି ଇଡି । ରିମାଣ୍ଡ ଅବଧି ଶେଷହେବା ପରେ ସେହି ଲୋକମାନଙ୍କୁ ଚିଠିକରି ଇଡି ଅଫିସକୁ ଟଣାହେଲେ ସେମାନଙ୍କ ଚେହେରା ଲୋକଲୋଚନକୁ ଆସିବ । ତେବେ ଅର୍ଚ୍ଚନା ପାଇଁ ହେଭିୱେଟ ସାଜିଥିବା ପାୱାରଫୁଲ ଚେହେରାଗୁଡିକ କେବେ ପଦାକୁ ଆସୁଛି ।

## ଭୁବନେଶ୍ୱରରୁ ଆଉ ଜଣେ...

ତେବେ ତାଙ୍କ ବିବାହ ପଛରେ ଥାଏ ଛଳନା। ସେ କେବଳ ଟଙ୍କା ଆଦାୟ କରିବା ପାଇଁ ବିବାହ କରୁଥିଲେ। ବିବାହ ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉଠାଇ ତଥା ବିବାହ ପୂର୍ବରୁ ଭିଡିଓ କଲ୍ ବେଳେ ରଖିଥିବା ଫଟୋ ଆଦିକୁ ଭାଇରାଲ କରି ଦେବାର ଧମକ ଦେଇ ସେ ପତିମାନଙ୍କୁ କରୁଥିଲେ ବ୍ଲାକମେଲିଂ। ସେ ଦୁଷ୍କର୍ମ ମାମଲାରେ ଫସାଇ ଦେବେ ବୋଲି ମଧ୍ୟ ଧମକ ଦେଉଥିଲେ । ରାଜସ୍ଥାନର ଭରତପୁର ଜିଲ୍ଲାର ଜଣେ ବ୍ୟବସାୟୀଙ୍କୁ ନିଜ ପ୍ରେମ ଜାଲରେ ଫସାଇଥିଲେ । ତାଙ୍କ ଠାରୁ ଟଙ୍କା ଲୁଟି ସେ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟବସାୟୀଙ୍କ ଅଭିଯୋଗ ଅନୁସାରେ ସେଠାକାର କୋଟବାଲି ଥାନା ପୋଲିସର ଏକ ଟିମ ତାଙ୍କୁ ଧରିବାକୁ ଭୁବନେଶ୍ୱର ଆସିଥିଲା । ପୋଲିସ ପ୍ରୀତିକୁ ଗିରଫ କରିଥିବା ଜଣା ପଡିଛି ।

## କବି ସମରେନ୍ଦ୍ରନାଥ ମହାପାତ୍ରଙ୍କ...

ପୁସ୍ତକର ସାମଗ୍ରିକ ଆଲୋଚନା କରିବା ସହିତ ସଫଳ ଅନୁବାଦ ପାଇଁ ଅନୁବାଦକଙ୍କୁ ସାଧୁବାଦ ଜଣାଇଥିଲେ। ବିଶିଷ୍ଟ ନାଟ୍ୟକାର ପ୍ରଦୀପ ଭୌମିକ ପୁସ୍ତକରେ ସନ୍ନିବେଶିତ କେତେଗୁଡ଼ିଏ କବିତା ଆବୃତ୍ତି କରିବା ସହିତ ଚମତ୍କାର ଢଙ୍ଗରେ ସେଗୁଡ଼ିକର ସମୀକ୍ଷା କରିଥିଲେ। କବି ସମରେନ୍ଦ୍ରନାଥ ମହାପାତ୍ର ଓ ଅନୁବାଦକ ଅଜିତ ପାତ୍ର ନିଜ ନିଜର ଲେଖକୀୟ ବକ୍ତବ୍ୟ ରଖିଥିବାବେଳେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡ. ହରିଶ୍ଚନ୍ଦ୍ର ହରିଶ୍ଚନ୍ଦ୍ର ବେହେରା ଗୋଟିଏ ଲେଖାଏଁ ବଙ୍ଗଳା କବିତା ଆବୃତ୍ତି କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆହ୍ୱାନ କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ଡ. ଶିରୀଶ ଚନ୍ଦ୍ର ଜେନା, ଡ. ଭାଗବତ ପ୍ରସାଦ ଦାସ, ନିବାରଣ ଜେନା, ସୃଷ୍ଟିଧର ପରିଡ଼ା, ଡ. ସୁବାସ ଚନ୍ଦ୍ର ପାତ୍ର, ଜୟନ୍ତ ପାଣିଗ୍ରାହୀ, ଡ. ଦିଲ୍ଲୀପ ରଥ, ଶାନ୍ତନୁ ପଟ୍ଟନାୟକ, ଡ. ସନ୍ତୋଷ ନାୟକ, ବ୍ରହ୍ମନାଥ ରଥ, ପ୍ରମୋଦ କୁମାର ପଣ୍ଡା, କମଳାକାନ୍ତ ଦାଶ, ଅବିନାଶ ମଣ୍ଡଳ, ରାଜେଶ ଗିରି, ରାଜେନ୍ଦ୍ରନାଥ ରାଉତ, ଗଙ୍ଗାଧର ବିଶ୍ୱାଳ, ରାମଚନ୍ଦ୍ର ଦାଶ, ଉଦୟ ନାରାୟଣ ଦାସ, ଶାନ୍ତିଲତା ପଣ୍ଡା, ରଂଜନ ବାଗ, ରୀନି ଭୌମିକ, ସ୍ମୃତି ଦାସ, ଅରୁଣା ରାୟ, ବାସନ୍ତୀ କର, ଗଗନ ସେଠୀ, ଶରତ କୁମାର ମହାପାତ୍ର, ରାମକୃଷ୍ଣ ପତି, ଅବନ୍ତୀ ପ୍ରଧାନ, ବାସନ୍ତୀ ଦେ, ଜୟନ୍ତ ରଣା, ସୀତାଂଶୁ ଲେଙ୍କା, ନାରାୟଣ ନାୟକ, ପ୍ରଣିତା ମିଶ୍ର, ଚିତ୍ରାରାଣୀ ପାତ୍ର, ନିରଂଜନ ରାଉତ, ଯୋଗେଶ ପ୍ରଧାନ, ଲକ୍ଷ୍ମୀକାନ୍ତ ବେହେରା, ପଦ୍ମଲୋଚନ ଦତ୍ତ, ରମାକାନ୍ତ ମହାନ୍ତି, ସର୍ବେଶ୍ୱର ଜେନା, ତେଜଶ୍ରୀ ଦାସ, ଦିଲ୍ଲୀପ ଚକ୍ରବର୍ତ୍ତୀ, କମଳାକାନ୍ତ ନାୟକ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଚା ନେହେରୁ ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମଞ୍ଜୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ମିଳିତ ନିଶା ନିବାରଣ ଅଭିଯାନ ବାଲେଶ୍ୱରର ମାସିକିଆ ବୈଠକ ଅନୁଷ୍ଠିତ




ବାଲେଶ୍ୱର,୧୩/୧୧ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର'ର ମାସିକିଆ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ଅନ୍ୟତମ ସଂପାଦକ କମଳାକାନ୍ତ ଦାଶ ଗତ ବୈଠକର ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ସୁବ୍ରତ କରଙ୍କ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଆଗାମୀ ନଭେମ୍ବର ୨୩ ତାରିଖରେ ସହରର କୌଣସି ଏକ ବିଦ୍ୟାଳୟରେ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥଲା । ଜୟନ୍ତୀର ସଫଳତା ପାଇଁ ୫ଜଣିଆ କମିଟି ଗଠନ କରାଯାଇଥିଲା । ବୈଠକରେ ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ, ଡ. କେଶବ ଚରଣ ପଣ୍ଡା, ତ୍ରିଦିବ ନାୟକ, ପ୍ରଫୁଲ୍ଲ କୁମାର ଦାସ, ସନାତନ ଦାସ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଭୂପତିଭୂଷଣ ଦାସ, ବୈଦ୍ୟନାଥ ନାୟକ, ବେଣୁଧର ସାହୁ, କ୍ରୀଷା ସାହା, ପଦ୍ମିନୀ ଅଧିକାରୀ, ପ୍ରତିମା ମିଶ୍ର, ରମେଶଚନ୍ଦ୍ର ଜେନା, ଯୋଗେଶଚନ୍ଦ୍ର ପ୍ରଧାନ, ନିରଞ୍ଜନ ରାଉତ, ସୀତାରାମ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଯୋଗେଶ ଚନ୍ଦ୍ର ପ୍ରଧାନ, ଅବନ୍ତୀ ପ୍ରଧାନ, ବସନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ଚିତ୍ରାରାଣୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁଜୁରାଟରେ ବିଜେପିକୁ ଝଟ୍କା: ମଧୁ ଶ୍ରୀବାସ୍ତବଙ୍କ ସମେତ ୪ ପୂର୍ବ ବିଧାୟକଙ୍କ ଇସ୍ତଫା



ନୂଆଦିଲ୍ଲୀ, ୧୩/୧୧ : ଗୁଜୁରାଟ ବିଧାନସଭା ନିର୍ବାଚନ ପାଇଁ ବିଜେପି ଦଳୀୟ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଛି । ଏହାପରେ ଦଳକୁ ଲାଗିଛି ବଡ ଝଟକା । କାରଣ ଟିକେଟ ନମିଳିବା ନେଇ ବିଧାୟକ ମଧୁ ଶ୍ରୀବାସ୍ତବଙ୍କ ସମେତ ୪ଜଣ ପୂର୍ବ ବିଧାୟକ ଦଳରୁ ଇସ୍ତଫା ଦେଇଛନ୍ତି । ଏମାନେ ଦଳରୁ ବାହାରି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ଧମକ ଦେଇଛନ୍ତି । ବିଜେପିର ପୂର୍ବତନ ବିଧାୟକ ତଥା ପାର୍ଟିର ଜଣାଶୁଣା ନେତା ହର୍ଷଦ ବସାବା ଶୁକ୍ରବାର ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ସନ୍ଦୋଦ୍ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବସାବା ଗୁଜୁରାଟ ବିଜେପିର ଅନୁସୂଚିତ ଜନଜାତି ମୋର୍ଚ୍ଚାର ଅଧକ୍ଷ ଅଛନ୍ତି । ସେ ୨୦୦୨ରୁ ୨୦୧୨ ଯାଏଁ ବିଧାୟକ ଥିଲେ । ଏବେ ସେ ଯେଉଁ ଆସନରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ସେ ଆସନରେ କଂଗ୍ରେସର ଦବଦବା ରହିଛି । ଏହି ଅସନରୁ ବିଜେପି ଡାକ୍ତର ଦର୍ଶନା ଦେଶମୁଖଙ୍କୁ ପ୍ରାର୍ଥୀ କରିଛି । ଏଠାରେ ପ୍ରକାଶ ଯେ ଗୁଜୁରାଟର ବିଧାନସଭା ନିର୍ବାଚନର ୧୮୨ ଆସନ ପାଇଁ ୨ଟି ପର୍ଯ୍ୟାୟରେ ମତଦାନ କରାଯିବ । ଡିସେମ୍ବର ପହିଲାରେ ପ୍ରଥମ ପର୍ଯ୍ୟାୟ ଭୋଟିଂ ହେବାକୁ ଥିବାବେଳେ ଡିସେମ୍ବର ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂ ହେବ ।

# ସିପିଆଇ(ଏମ୍)ର ଶିକ୍ଷା ଶିବିର : ନ୍ୟାୟ, ନୀତି ଓ ସଂଗଠନ ବୃଦ୍ଧିକୁ ଗୁରୁତ୍ୱ

ଜଳେଶ୍ୱର,୧୩/୧୧ (ନି.ପ୍ର): ଜଳେଶ୍ୱର ଅଂଚଳିକ କାର୍ଯ୍ୟାଳୟ ପରିସରରେ ସିପିଆଇଏମ୍ ର ଏକ ଶିକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଦିଲ୍ଲିପ କୁମାର ଗିରି ଅଧ୍ୟକ୍ଷତା କରିଥିଲେ । ସାମ୍ପ୍ରତିକ ସମାଜରେ ଚାଲିଥିବା ବ୍ୟଭିଚାର, ଅନୀୟମିତତା ଓ କମ୍ୟୁନିଷ୍ଟ ପାର୍ଟିର ନିତୀ ଆଦର୍ଶ ସଂପର୍କରେ ଜିଲା ସଂପାଦକ ଶିଶିର ହୁଇ ବକ୍ତବ୍ୟ ରଖିଥିଲେ । ଏଥିରେ ପାର୍ଟିର ଶାଖା ସଂପାଦକ ଆଂଚଳିକ କମିଟି ସଭ୍ୟ ଓ ନୂତନ ସମର୍ଥକମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଦୀପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ରବିନ୍ଦ୍ର ବାରିକ, ଜୀବନ ପରିଡା, ସେକ୍ ସାର୍ଦ୍ଦିକ, ଆରତୀ ପଲେଇ, ଦିଲ୍ଲିପ ପରିଡା, ଲକ୍ଷ୍ମିକାନ୍ତ ଦାସ, ସବିତା ସାହୁ, ରାଜୀବ ପଣ୍ଡା, ଲକ୍ଷ୍ମୀଧର ପଲେଇ, ଭାଗବତ ପ୍ରଧାନ, ଚନ୍ଦନ ଶତପଥି ପ୍ରମୁଖ ପରିଚାଳନା କରିଥିଲେ । ଆଗାମୀ ଦିନରେ ହିନ୍ଦୁତ୍ୱବାଦୀ ବିଚାରଧାର ବିରୋଧରେ ବ୍ୟାପକ କାର୍ଯ୍ୟକ୍ରମ ଓ ବୈଜ୍ଞାନୀକ ପ୍ରଚାରକୁ ସିଦ୍ଧାନ୍ତ ନିଆଯାଇଛି ।

# ଜାତୀୟ ସ୍ତରୀୟ ସବ୍‌ଜୁନିଅର ବାସ୍କେଟ ବଲ ପ୍ରତିଯୋଗିତା : ଓଡ଼ିଶା ଦଳରେ ଲିପ୍‌ଶିଖା ସାମିଲ



ଭଦ୍ରକ,୧୩।୧୧ : ହିମାଚଳ ପ୍ରଦେଶର କଙ୍ଗ୍ରାରେ ଅନୁଷ୍ଠିତ ହେବାକୁ ଥିବା ୪୬ତମ ଜାତୀୟ ସବ୍‌ଜୁନିଅର ବାସ୍କେଟ ବଲ୍ ପ୍ରତିଯୋଗିତା ନିମନ୍ତେ ଘୋଷିତ ଓଡ଼ିଶା ବାଳିକା ଦଳରେ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଲିପ୍‌ଶିଖା ମହାଳିକ ସ୍ଥାନ ପାଇଛନ୍ତି। ତାଙ୍କ ଘର ଭଦ୍ରକ ପୌରପାଳିକା ଅନ୍ତର୍ଗତ କୁଆଁସ ଗ୍ରାମରେ। ସେ ମାତା ସନ୍ଧ୍ୟାରାଣୀ ସେନାପତି ଓ ପିତା ବିଚିତ୍ରାନନ୍ଦ ମହାଳିକଙ୍କ କନ୍ୟା। ସେ ବାରବାଟୀ ଷ୍ଟାଡିୟମରେ ଗତ ୩୦ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ତାଙ୍କ ଚୟନକୁ ନେଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବନଲତା ସାହୁ, କ୍ରୀଡ଼ା ଶିକ୍ଷୟିତ୍ରୀ ଜୟମିନ ପରିଡ଼ା, ଶିକ୍ଷକ ମନୋଜ ସାହୁ, ପ୍ରଜ୍ଞା ବଳ, ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନର ସମ୍ପାଦକ ଧିରେନ ପଲାଇ ଶୁଭେଚ୍ଛା ଜଣାଇଛନ୍ତି। ଲିପ୍‌ଶିଖା ଦୀର୍ଘ ୮ ମାସ ଧରି କ୍ରୀଡ଼ା ଶିକ୍ଷକ ମନୋଜ ସାହୁଙ୍କ ଠାରୁ ନିୟମିତ ତାଲିମ ଗ୍ରହଣ କରୁଥିଲେ।

# ନୃତ୍ୟ ଜୀବନରେ ସ୍ୱପ୍ନ ଭରିଦିଏ: 'ମନ୍ଦିରା'ର ଜିଲ୍ଲା ସ୍ତରୀୟ ଶିଶୁ ନୃତ୍ୟ ମହୋତ୍ସବ



ଭଦ୍ରକ,୧୩।୧୧: ନୃତ୍ୟ ସଂଗୀତ ଖାଇବାକୁ ଦେଇ ନପାରେ, ପ୍ରାଚୁର୍ଯ୍ୟ ଦେଇ ନପାରେ, ମାତ୍ର ଜୀବନରେ ରଙ୍ଗ ଓ ସ୍ୱପ୍ନ ଭରିଦିଏ। ଜୀବନର ନୂଆ ଅର୍ଥ ବୁଝାଇ ଦିଏ। ମନ୍ଦିରର ଗାତ୍ରରେ ନୃତ୍ୟରତା, ଲାସ୍ୟମୟୀ ନାୟିକାଙ୍କ ପରି ଆଜି ନୂଆ କରି ନାଚ ଶିଖୁଥିବା କୁନିକୁନି ନୃତ୍ୟାଙ୍ଗନା ମାନେ ଭବିଷ୍ୟତରେ ଆମ ସାଂସ୍କୃତିକ ପରମ୍ପରାକୁ ଋଦ୍ଧିମନ୍ତ କରିବ ବୋଲି ଭଦ୍ରକର ପ୍ରମୁଖ ନୃତ୍ୟାନୁଷ୍ଠାନ 'ମନ୍ଦିରା' ଦ୍ୱାରା ସହିଦ୍ ସ୍ମୃତି ଭବନରେ ଆୟୋଜିତ ଦିବସ ବ୍ୟାପୀ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବର ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମତ ପ୍ରକାଶ ପାଇଛି। ଉକ୍ତ ଉତ୍ସବରେ ସଭାପତିତ୍ୱ କରିଥିଲେ ଧାମନଗର ମହାବିଦ୍ୟାଳୟର ଅଧକ୍ଷ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ର. ପବିତ୍ର ପାଣିଗ୍ରାହୀ, ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟ ବିଶାରଦ ଶାଶ୍ୱତ ଯୋଶୀ, ମୁଖ୍ୟବକ୍ତା ଭାବେ ପ୍ରତିଷ୍ଠିତ ସାହିତ୍ୟିକ ତଥା 'ପ୍ରତିଭାଶ୍ରୀ'ର ମୁଖ୍ୟ 'ଜରି ଗୋଟେଇବା ଝିଅ'ର କବି ପ୍ରଶାନ୍ତ ଦାସ । ବରେଣ୍ୟ ଅତିଥି ଭାବେ ଏସ୍.ବି.ଡି. ଇଣ୍ଟରନ୍ୟାସନାଲ ସ୍କୁଲ, ଭଦ୍ରକର ଅଧକ୍ଷ ଯୁଧିଷ୍ଠିର ଦେବତା, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ର. ଅଟଳ ବିହାରୀ ନାୟକ। ମଞ୍ଚ ଆମନ୍ତ୍ରଣ କରିଥିଲେ 'ସାଇ ନୃତ୍ୟ ଏକାଡେମୀ'ର ଅଧକ୍ଷା ପୁଷ୍ପମିତ୍ରା ବେହେରା। ଶେଷ ସ୍ୱର୍ଶ ଦେଇଥିଲେ 'ମନ୍ଦିରା ଓଡ଼ିଶୀ ନୃତ୍ୟ ଏକାଡେମୀ'ର ଅଧକ୍ଷା ତଥା ଓଡ଼ିଶୀ ନୃତ୍ୟଗୁରୁ ଶ୍ୱେତପଦ୍ମା ଜେନା। ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା, ଅବସର ପ୍ରାପ୍ତ ଅଧକ୍ଷ ଆଶୋକ କୁମାର ଜେନା।

# ପିଞ୍ଛାବଣିଆଁ ଗୁରୁକୁଳଆଶ୍ରମ ପରିସରରରେ ଯୋଗ, ଯଜ୍ଞ, ଗୋମାତା ସେବା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ବସ୍ତା,୧୩.୧୧(ନିପ୍ର) ବ୍ଲକ ଅନ୍ତର୍ଗତ ରୂପସା ସାମିଲ୍ ହସନ୍ପୁର ପଞ୍ଚାୟତ ଅଧିନରେ ଥିବା ପିଞ୍ଛାବଣିଆ ଗ୍ରାମରେ ଅବସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମ ପରିସରରେ ଯୋଗମହୋତ୍ସବ ସମିତି ବାଲେଶ୍ୱର ପକ୍ଷରୁ ଏକ ଅବକାଶ ଶିବିର ଅନୁଷ୍ଠିତ ହୋଇଯାଇଅଛି।ଏହି ଶିବିରରେ ବାଲେଶ୍ୱର ର କାଳୀ ମନ୍ଦିର, ଆଦ୍ୟାଶକ୍ତି ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର ଓ ଦରଜୀପୋଖରୀ ସ୍କୁଲ ପ୍ରଭୃତି ଯୋଗକେନ୍ଦ୍ରର ଯୋଗ ସାଧକସାଧିକା ମାନଙ୍କୁ ନେଇ ଗୁରୁକୁଳରେ ଯୋଗ, ଯଜ୍ଞ କର୍ମ, ଗୋମାତା ସେବା, ବୃକ୍ଷ ରୋପଣ ସାଙ୍ଗକୁ ଆଶ୍ରମର ବ୍ରହ୍ମଚାରୀ ମାନଙ୍କୁ ଅନ୍ନ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା । ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପୌରହିତ୍ୟରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରାଯାଇଥିଲା। ଯୋଗମହୋତ୍ସବ ର ସଭାପତି ଶ୍ରୀଯୁକ୍ତ ସୁଜିତ୍ କୁମାର ଜେନା, ଗୀତାରାଣୀ ପୁରୀ ଓ ସ୍ନେହଲତା ଦାସ, ଶିବିରାର୍ଥୀ ମାନଙ୍କୁ ଯୋଗ ପ୍ରଶିକ୍ଷଣ କରାଇବା ସହିତ ସୁଧାକର ଶାସ୍ତ୍ରୀ ଓ ଗୀତାରାଣୀ ପୁରୀ ଯଜ୍ଞ ପରିଚାଳନା କରିଥିଲେ।ବିଶ୍ୱର କଲ୍ୟାଣ ପାଇଁ ସମସ୍ତେ ସାମୁହିକ ଭାବରେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ।ସମସ୍ତ ଯୋଗପ୍ରେମୀ ଭାଇଭଉଣୀ ମାନଙ୍କୁ ସାମୁହିକ ଭାବେପ୍ରେରଣା ପ୍ରଦାନ କରି ଗୁରୁକୁଳରେ ସେବାକାର୍ଯ୍ୟରେ ଯୋଗଦାନ କରାଇଥିବାରୁ ଯୋଗମହୋତ୍ସବ ସମିତି ର ସଭାପତି ଶ୍ରୀଯୁକ୍ତ ସୁଜିତ୍ କୁମାର ଜେନାଙ୍କ ସମେତ ଉପସ୍ଥିତ ସମସ୍ତ ଅତିଥିମାନଙ୍କ ସହଯୋଗ ଓ ସେବା କାର୍ଯ୍ୟପାଇଁ ଗୁରୁକୁଳ ର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ କ୍ଷେତ୍ରମୋହନ ସାହୁ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ସାହିତ୍ୟ ପରିଷଦର ୩୮ତମ ବାର୍ଷିକୋତ୍ସବ ପାଳିତ : ମୁଖପତ୍ର 'ମୟୂରାକ୍ଷି' ଲୋକାର୍ପିତ




ବାରିପଦା,୧୩/୧୧ (ନି.ପ୍ର): ମୟୂରଭଞ୍ଜ ସାହିତ୍ୟ ପରିଷଦର ୩୮ତମ ବାର୍ଷିକୋତ୍ସବ ଆଜି ପୂର୍ବାହ୍ଣ ୧୦ଟାରେ ଉଦ୍ଘାଟିତ ହୋଇଯାଇଛି । ମହାରାଣୀ ପ୍ରେମକୁମାରୀ ବାଳିକା ଉଚ୍ଚବିଦ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଇନଟାକ୍ ମୟୂରଭଞ୍ଜ ଚାପଟାରର ସଭାପତି ମେଜର ରବୀନ୍ଦ୍ର କୁମାର ପରିଡା ଯୋଗଦେଇ ସାହିତ୍ୟ ସେବା ହିଁ ପ୍ରକୃତ ମାଧବ ସେବା ବୋଲି ମତ ରଖିଥିଲେ । ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବେତନଟୀ ମୟୂର ସାହିତ୍ୟ ସଂସଦର ପତ୍ରିକା ସଂପାଦକ ନିରୋଦ ସୁନ୍ଦର ଜେନା ଯୋଗଦେଇଥିବା ବେଳେ ବିଶେଷ ସମ୍ମାନିତ ଅତିଥି ଭାବରେ ବରିଷ୍ଠ କବି ବୃନ୍ଦାବନ ଦାଶ ଯୋଗଦେଇଥିଲେ । ପ୍ରାରମ୍ଭରେ ପରିଷଦର ପତାକା ଉତ୍ତୋଳନ ହେଲାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଡ ଶଶିଧର ବିଶ୍ୱାଳ ସଭା ଆରମ୍ଭରେ ଅତିଥି ପରିଚୟ ପ୍ରଦାନ କଲାପରେ ସୁଶ୍ରୀ ଭାରତୀ ବେବର୍ତ୍ତା। ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଉପସଭାପତି ସୁଶ୍ରୀ କାବେରେ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ମନୋଜ ଦଳବେହେରା ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖପତ୍ର ମୟୂରାକ୍ଷି ଲୋକାର୍ପିତ ହୋଇଥିଲା । ଏତଦବ୍ୟତୀତ ପଦ୍ମନାଭ ସାହୁଙ୍କ ରଚିତ ଗଳ୍ପ ପୁସ୍ତକ 'ଦୂର ଆକାଶର ତାରା' ମଧ ଲୋକାର୍ପିତ ହୋଇଥିଲା । ଏହି ଅବସରରେ ବିରଜା ଦେବୀ, ଭାଗବତ ପଣ୍ଡାଙ୍କୁ ମୟୂରଭଞ୍ଜ ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କୁଞ୍ଜବିହାରୀ ପାଢୀଙ୍କୁ ସରୋଜିନୀ-ପ୍ରଫୁଲ୍ଲ ଓତା ସ୍ମୃତି ସମ୍ମାନ ଓ ପ୍ରିୟନାଥ ପାଣିଙ୍କୁ ଲକ୍ଷ୍ମୀକୁମାରୀ ଦାସ ଯୁବସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । କୋଷାଧକ୍ଷ ଅଧ୍ୟାପକ ସମରେନ୍ଦ୍ର ବଶା ଧନ୍ୟବାଦ ପ୍ରଦାନ କଲାପରେ ପ୍ରଥମ ଅଧିବେଶନ ଶେଷ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ପରିଷଦର ଉପସଭାପତି ଜୟନ୍ତ କୁମାର ଦ୍ୱାରୀ ସଭାପତିତ୍ୱ କରିଥିବା ବେଳେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ବନଜା ମହାନ୍ତି ମୁଖ୍ୟଅତିଥି ଏବଂ କବି ଯୋଶବନ୍ତ ସେଠୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ଯୁବକବି ଶିଉଲାଲ୍ ମହାନ୍ତ ଏବଂ କବୟିତ୍ରୀ ସୁମିତା ବେହେରାଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା । ପରିଶେଷରେ କବି ଗୋପାଳ ସାଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କୈବଲ୍ୟ ପ୍ରସାଦ ମହାପାତ୍ର, ପୂର୍ବତନ ସଭାପତି ଅଜିତ କୁମାର କବାଟ, ଅଜିତ ପାଣିଗ୍ରାହୀ, ବାସନ୍ତୀଲତା ମହାପାତ୍ର, ବସୁନ୍ଧରା ଭୋଇ, ମାମା ଦଳନାୟକ, ମୌସୁମୀ ସାଓ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ଉତ୍କଳ ସାମ୍ବାଦିକ ସଂଘର ସାଂଗଠନିକ ବୈଠକ



ଜଳେଶ୍ୱର,୧୩/୧୧(ନି.ପ୍ର): ଉତ୍କଳ ସାମ୍ବାଦିକ ସଂଘର ସାଂଗଠନୀକ ବୈଠକ ଆଜି ଜଳେଶ୍ୱରର ଖୁସି ପ୍ଲାଜାଠାରେ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ବରିଷ୍ଠ ସାଂବାଦିକ ଅମର କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ଜିଲା ସଭାପତି ଲୋକନାଥ ଦଳେଇ ଯୋଗ ଦେଇ ସାମ୍ବାଦିକ ମାନଙ୍କ ବହୁବିଧ ସମସ୍ୟା ଥିବା ବେଳେ ତାର ନିରାକରଣ ଲାଗି ସଂଘୀୟ ଜୀବନଯାପନର ଆହ୍ୱାନ ଦେଇଥିଲେ । ଦଳମତ ନିର୍ବିଶେଷରେ ଗୋଷ୍ଠିଗତ ଜୀବନଯାପନ ଲାଗି ସମସ୍ତେ ଅଣ୍ଟ ଭିଡିବାଲାଗି ସେ କହିଥିଲେ। ଯୁବ ସାମ୍ବାଦିକ ମନୋଜ ଭୂୟାଁଙ୍କୁ ଜଳେଶ୍ୱର ସଂଯୋଜକ ଭାବେ ମନୋନୀତ କରାଯାଇଥିବା ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ପ୍ରଧାନ, ଶ୍ରୀକୃଷ୍ଣ ଗୁପ୍ତା, ସଂଜୟ ଦାସ, ଅର୍ଜୁନ ସିଂ, ଆଶିଷ ଗିରି, ବିନୟ ପ୍ରଧାନ, ଗୋପବଂଧୁ ସାହୁ, କବିତା ମାନ୍ଧାତା ।

# ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ରାଜ୍ୟ ସଭାନେତ୍ରୀଙ୍କ ବସ୍ତା ଗସ୍ତ



ବସ୍ତା,୧୩/୧୧: ଆଜି ଜେ ଏ ମ ର ରାଜ୍ୟ ସଭାନେତ୍ରୀ ଅଞ୍ଜୁନୀ ସରେନ, ରାଜ୍ୟ ସଂପାଦକ ଦୁବ ରାଜ ନାଗ, ମୟୁରଭଞ୍ଜର ଉପସଭାପତି ସଭାପତି ସୁବାସୀନି ହାସଦା, ଅଚାନଙ୍କ ଗସ୍ତ କରି ବିଷେଶ କରି ବସ୍ତା ରେଳ ଷ୍ଟେସର ବୁଲି ବିଭିନ୍ନ ମୁଳ ସମସ୍ୟା ଗୁଡିକ ଦେଖିଥିଲେ।ଓ ଗତଦିନରେ ତାଙ୍କ ଦଳ ଆମରଣ ଅନସନ କରିଥିବା କର୍ମୀ ମାନଙ୍କୁ ସାଧୁ ବାଦ ଜଣାଇଥିଲେ। ଆଗାମୀ ଦିନ ଦଳ କାୟ୍ୟବଦ୍ଧୀତସୂଚି ସପର୍କ ରେ କର୍ମୀ ମାନଙ୍କୁ ଅବଗତ କରିଥିଲେ। ବାଲେଶ୍ୱର ଜିଲ୍ଲା ସଭାପତି କୋମଲ ଲୋଚନ ବାରିକ,ବସ୍ତା ବ୍ଲକ ସଭାପତି ମିର ଜାହିଦ ହବିନ କାଦ୍ରୀ, ଉପସଭାପତି ପ୍ରଶାନ୍ତ ପାତ୍ର ସଦସ୍ୟ ଜଗନ୍ନାଥ ମାଝୀ, ବୁଧିଆ ମୁର୍ମୁ, ବୈଦନାଥ ପ୍ରଧାନ, ଲିଲି ମୁଖି, ଲକ୍ଷ୍ମୀପ୍ରିଆ ରାଉତ, ରେବତୀ ରାମ, ପ୍ରମୁଖ ଉପସ୍ଥିତ ଥିଲେ ।

# ଜାନୁୟାରୀ ପହିଲାରେ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସ ପାଳନ କରାଯିବ

## ସର୍ବଧର୍ମ ପ୍ରାର୍ଥନା ଦିବସ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି



ଭୁବନେଶ୍ୱର,୧୩/୧୧ (ନି.ପ୍ର): ପ୍ରତିବର୍ଷ ଭଳି ଆସନ୍ତା ଜାନୁୟାରୀ ପହିଲାରେ ପ୍ରାର୍ଥନା ଦିବସ ପରିଚ୍ଛଳନା ସମିତି ପକ୍ଷରୁ ଦେଶ ଏବଂ ରାଜ୍ୟର ବିଭିନ୍ନ ସହରରେ ବିଶ୍ୱଶାନ୍ତି ପ୍ରାର୍ଥନା କରାଯିବ। ଏହି କ୍ରମରେ ସେଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସର୍ବଧର୍ମ ପ୍ରାର୍ଥନା ଦିବସ ପାଳନ କରାଯିବ ବୋଲି ପ୍ରାର୍ଥନା ଦିବସ ପରିଚ୍ଛଳନା ସମିତି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଜି ପୂର୍ବାହ୍ନରେ ଭୁବନେଶ୍ୱର ସ୍ଥିତ ୟୁନିଟ-୨ ଦିବ୍ୟଜୀବନ ସଂଘ ପରିସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ପାଳନ ପ୍ରସ୍ତୁତି ବୈଠକରେ ପ୍ରାର୍ଥନା ଦିବସର ପରିଚ୍ଛଳନା ଦିବସର ସଭାପତି ତଥା ପ୍ରଖ୍ୟାତ ଆଧାତ୍ମିକ ମାର୍ଗଦର୍ଶିକା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ କହିଥିଲେ ଯେ, ସମଗ୍ର ବିଶ୍ୱରେ ଅଶାନ୍ତି, ଅରାଜକତା ଓ ଅନ୍ଧବିଶ୍ୱାସ ବଢି ଚ୍ଛଲିଥିବା ବେଳେ ସେଥିରୁ ରକ୍ଷା ପାଇବା ଓ ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ ପାଇଁ ସମୂହ ପ୍ରାର୍ଥନା ଶ୍ରେଷ୍ଠ ଶକ୍ତି। ସେଥିପାଇଁ ଜାନୁୟାରୀ ମହିଳା ଦିନ ସମସ୍ତେ ନିଜ ନିଜ ଧର୍ମର ଆରାଧ /ଇଷ୍ଟଙ୍କୁ ଘଣ୍ଟାଟିଏ ପ୍ରାର୍ଥନା କରିବେ। ଶ୍ରୀମାଙ୍କ ଅଧକ୍ଷତାରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ଦିବସ ପାଳନ ପ୍ରସ୍ତୁତି ବୈଠକରେ ଗାୟତ୍ରୀ ପରିବାରର ରଜନୀ ରାଣୀ ରାଜବଂଶୀ, ସୁଶୀଲ ଦେବଶର୍ମା, ବ୍ରହ୍ମକୁମାରୀ ରାଜ ଯୋଗିନୀ, ଗୀତା ଭଉଣୀ, ଅହମଦୀୟା ମୁସଲିମ ସମ୍ପ୍ରଦାୟର ମୌଲବୀ ଫଜଲ ହକ ଖାନ, ବୈକୁଣ୍ଠ ପରିବାରର ବାବାଜୀ ବାଳକାନନ୍ଦ ଦାସ, ଦିବ୍ୟଜୀବନ ସଂଘର ସ୍ୱାମୀ ଧର୍ମ ପ୍ରକାଶ ନନ୍ଦ ସରସ୍ୱତୀ, ରାମକୃଷ୍ଣ ମଠର ସ୍ୱାମୀ ଅଧାନନ୍ଦ ଦାସ, ବାଟ ଶ୍ରୀକ୍ଷେତ୍ର ଡ. ଅଭୟ ନାୟକ, ଜଗନ୍ନାଥ ସଂସ୍କୃତି ପରିଷଦର ଉପସଭାପତି ରବି ମହାପାତ୍ର, ଭାରତ ବିକାଶ ପରିଷଦର ଓଡିଶା ପୂର୍ବ ପ୍ରାନ୍ତର ମହାସଚିବ ପ୍ରଦୀପ୍ତ କୁମାର ମହାରଣା, ଆଧାତ୍ମ ଗବେଷକ ହେମନ୍ତ କୁମାର ପରିଡ଼ା, ଡ. ବିଜୟ କୁମାର ସ୍ୱାଇଁ, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ଗବେଷକ ସୁଦର୍ଶନ ସାହୁ, ବରିଷ୍ଠ ସାମ୍ବାଦିକ ଅକ୍ଷୟ ପତି, ସାରଳା ମିଶ୍ର, ଡା ସରୋଜିନୀ ଯୋଶୀ, ଡା ମମି ପରିଜା, ଶୈଳରାଣୀ ମିଶ୍ର ଏବଂ ଅନ୍ନପୂର୍ଣ୍ଣା ଦାଶ ପ୍ରମୁଖ ଯୋଗଦେଇ ପ୍ରାର୍ଥନା ଦିବସ ପାଳନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଏହାକୁ ବିଶ୍ୱବ୍ୟାପୀ କରିବା ପାଇଁ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରି କାର୍ଯ୍ୟକ୍ରମକୁ ସଫଳ ହେବା ପାଇଁ ସଂକଳ୍ପ ନେଇଥିଲେ। ସଭା ପ୍ରାରମ୍ଭରେ ଶ୍ରୀମା' ପ୍ରାର୍ଥନା ଦିବସ ପାଳନର ମହତ୍ୱ ସମ୍ପର୍କରେ ଅବଗତ କରାଇବା ସହ ପ୍ରାର୍ଥନା ଦିବସ ପରିଚ୍ଛଳନା ସମିତିର ସମ୍ପାଦକ ସଚ୍ଚିକାନ୍ତ ନାଥ ଗତ ୫ ବର୍ଷ ଧରି ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଆଗାମୀ କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନ କରିଥିଲେ। ଶେଷରେ ଧନ୍ୟବାଦ ଦେଇଥିଲେ ଦିବ୍ୟ ଜୀବନ ସଂଘ ଶାଖା ସଭାପତି ରାଧାଶ୍ୟାମ ଦାସ। ସମାଜସେବୀ ତଥା ଆଧାତ୍ମିକ ସଂଯୋଜକ ମନୋରଞ୍ଜନ ମହାନ୍ତି ସମଗ୍ର କାର୍ଯ୍ୟକ୍ରମକୁ ବ୍ରହ୍ମଚ୍ଛରୀ ନୃସିଂହ ଦାସ, ବିରଞ୍ଚି ରାଉତ, ପୁନମ ନାୟକ, ରଞ୍ଜିତ ଜେନା ପ୍ରମୁଖଙ୍କ ସହଯୋଗରେ ସଞ୍ଚାଳନ କରିଥିଲେ। ସ୍ଥାନୀୟ ଦିବ୍ୟଜୀବନ ସଂଘର ସମ୍ପାଦକ ରମେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏବଂ ଅଭୟ ଓଝା, ରବି ମିଶ୍ର, ପଦ୍ମନାଭ ପାଣିଗ୍ରାହୀ, ବିପିନ ପରିଡ଼ା, ଶୈଳବାଳା ମହାନ୍ତି, ଆରତୀ ଆଚାର୍ଯ୍ୟ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପର୍ଣ୍ଣ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo